◆ Bhubaneswar, March 16-31, 2026
◆ ଭୁବନେଶ୍ୱର, ମାର୍ଚ୍ଚ ୧୬-୩୧, ୨୦୨୬
◆ Vol. -09 ◆ Issue -07
◆ ଭାଗ-୦୯ ◆ ସଂଖ୍ୟା-୦୭
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY
RNI Regd. No.: ODIODI/2017/74065
email: pratishabda7@gmail.com

# ପ୍ରତିଶବ୍ଦ
The Pratishabda

## ହିନ୍ଦୁ ଏକତା ମଞ୍ଚର ପ୍ରଥମ ବାର୍ଷିକୋତ୍ସବ ପାଳନ

ଭୁବନେଶ୍ୱର : ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଗୁରୁବାର ଭୁବନେଶ୍ୱରର ଜୟଦେବ ଭବନ ରେ ପ୍ରଥମ ବାର୍ଷିକୋତ୍ସବ ଉତ୍ସବମୁଖର ପରିବେଶରେ ପାଳିତ ହୋଇଛି । ଏହି ଅବସରରେ ମହିଳାଙ୍କ ଦ୍ୱାରା ଭକ୍ତିମୟ କୀର୍ତ୍ତନ ପରିବେଷଣ ଦୀପ ପ୍ରଜ୍ୱଳନ, ପୁରସ୍କାର ବିତରଣ ଓ ଅତିଥିମାନଙ୍କ ପ୍ରେରଣାଦାୟକ ଉଦ୍‌ବୋଧନ ମାଧ୍ୟମରେ ହିନ୍ଦୁ ଏକତାର ବାର୍ତ୍ତା ପ୍ରସାର କରାଯାଇଥିଲା ।ରାଜ୍ୟର ରୁରାଲ ଡିଭେଲପମେଣ୍ଟ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଉତ୍ସବକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ କୋଟପାଡ଼ା ବିଧାୟକ ରୂପୁ ଭାତ୍ରା ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ ।

# ପି.ଏମ୍.କିଷାନରେ ଆବଶ୍ୟକ ହେଉଥିବା ସମସ୍ତ ମାନଦଣ୍ଡକୁ ପୂରଣ କରି ସହାୟତା ଲାଭ କରନ୍ତୁ : ମୁଖ୍ୟମନ୍ତ୍ରୀ

(ଜୀତେନ୍ଦ୍ର ପତି)

ଭୁବନେଶ୍ୱର : ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି । 'ଜୟ କିଷାନ'ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ । ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨୨ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି । ସୂଚନାଯୋଗ୍ୟ ଯେ, ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ୨୨ତମ କିସ୍ତିରେ ଦେଶର ୯.୩୨ କୋଟି କୃଷକଙ୍କୁ ପ୍ରାୟ ୧୯ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଂଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ପିଏମ୍-କିଷାନ ଯୋଜନା ଚାଷୀଙ୍କୁ ବିହନ,ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ




କିଣିବାରେ ସାହାଯ୍ୟ କରୁଛି । ଏହି ୨୦୦୦ ଟଙ୍କାର କିସ୍ତି ଏବଂ ତିନୋଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତାର ପରିଶ୍ରମର ଏକ ବଡ ସମ୍ମାନ । ଆଜିର ଦିନକୁ, ସାରାଦେଶ ତଥା ରାଜ୍ୟରେ ପି.ଏମ୍ କିଷାନ ଉତ୍ସବ ଦିବସ ଭାବରେ ପାଳନ କରୁଛି । ଏଥି ସହିତ ଏହାକୁ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଂଚାୟତ, ପ୍ୟାକ୍ସ ଓ ମଣ୍ଡିରେ ମଧ୍ୟ ପାଳନ କରାଯାଉଛି । ଏହି ଅବସରରେ କୃଷକମାନଙ୍କ ମଧ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକୀୟ ଯୋଗ୍ୟ ମାନଦଣ୍ଡ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଉଛି । ଆମ ରାଜ୍ୟରେ ୩୪ ଲକ୍ଷ ୨୪ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ, ୨୨ତମ କିସ୍ତି ବାବଦକୁ ୨ହଜାର ଟଙ୍କା ହିସାବରେ ସମୁଦାୟ ୬୮୪ କୋଟି ଟଙ୍କାର ଆର୍ଥିକ ସହାୟତା ମୋଦୀ ଜୀ ଆଜି ପ୍ରଦାନ କରୁଛନ୍ତି । ପି.ଏମ୍.କିଷାନ ଯୋଜନାରେ ଦରକାର ହେଉଥିବା ସମସ୍ତ ବାଧ୍ୟତାମୂଳକ ମାନଦଣ୍ଡ ଯଥା ର-କଣଉ, ଜମିଜମାର ବିବରଣୀ, ଆଧାର-ବ୍ୟାଙ୍କ ଆକାଉଂଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି କାର୍ଯ୍ୟ ସମାପନ କରି ଏହି ଯୋଜନାର ସମସ୍ତ ସହାୟତା ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ପି.ଏମ୍. କିଷାନ୍ ସହିତ ଆମ ସରକାର ମଧ୍ୟ ରାଜ୍ୟରେ 'ସିଏମ୍ କିଷାନ' ଯୋଜନାରେ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ ଅନ୍ତର୍ଭୁକ୍ତ କରି ଦୁଇଟି କିସ୍ତିରେ ୪ହଜାର ଟଙ୍କା ପ୍ରଦାନ କରୁଛନ୍ତି । ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀଙ୍କୁ (ପୃଷ୍ଠା-୨

# ପ୍ରଭାତ-ଦେବାଶିଷ କଥା କଟାକଟି



କଟକ:ବିଜେଡିର ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା ପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳ । ସେ କହିଛନ୍ତି, ଯିଏ ଦଳ ପାଇଁ କାର୍ଯ୍ୟ କରିଛନ୍ତି ତାଙ୍କୁ ପ୍ରାର୍ଥୀ କରିଥିଲେ ଭଲ ହୋଇଥାନ୍ତା । ଏହା ଏକପାଖିଆ ନିଷ୍ପତ୍ତି କହି ନିଆଁବାଣ ହୋଇଛନ୍ତି ପ୍ରଭାତ । ସମସ୍ତେ ବସି ନିଷ୍ପତ୍ତି ନେଇ ନାହାନ୍ତି ।

ଏକ ସାମ୍ବାଦିକ ସମ୍ମିଳନୀ କରି ଦେବାଶିଷଙ୍କ ସାମନ୍ତରାୟଙ୍କ ଉପରେ ବର୍ଷିଛନ୍ତି ପ୍ରଭାତ । ସେ କହିଛନ୍ତି ଯେ, ରାଜ୍ୟସଭା ସାଂସଦ ଦେବାଶିଷଙ୍କ ଚରିତ୍ର ସମସ୍ତେ ଜାଣନ୍ତି । ମଦୁଆ, ଗୁଣ୍ଡା ଓ ଚରିତ୍ରହୀନ ବ୍ୟକ୍ତି ହେଲେ ସେ । ସେ ସ୍ୱାଧୀନ ଭାବେ କର୍ପୋରେଟର ନିର୍ବାଚନ ଲଢ଼ିଲେ ଜିତି ପାରିବେ ନାହିଁ । ବିଜେଡ଼ିକୁ ଠିକା ସଂସ୍ଥା ଭାବେ ବ୍ୟବହାର କରି କାର୍ଯ୍ୟ କାରୁଛନ୍ତି । ଏହି ଚିଟ୍‌ଫଣ୍ଡ ଠକେଇରେ ଦେବାଶିଷଙ୍କ ସଂପୃକ୍ତି ରହିଥିଲା ବୋଲି ପ୍ରଭାତ ଅଭିଯୋଗ କରିଛନ୍ତି । ସେହିପରି ଦେବାଶିଷ କଟକ ସହରରେ ସଫେଇ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ହଡ଼ପ କରିଛନ୍ତିବୋଲି ପ୍ରଭାତ ଅଭିଯୋଗ କରିଥିଲେ । ଦେବାଶିଷ ସାମନ୍ତରାୟଙ୍କ ବିରୋଧରେ ପ୍ରମାଣ ଦେଖାଇ ଗଣମାଧ୍ୟମ ସମ୍ମୁଖରେ ତାଙ୍କର ପୋଲ୍ ଖୋଲିଲେ ପ୍ରଭାତ ବିଶ୍ୱାଳ । ଦେବାଶିଷଙ୍କୁ ଟାର୍ଗେଟ୍ କରି ପ୍ରଭାତ ଆହୁରି କହିଛନ୍ତି, ବିଜେଡ଼ିରେ ନବୀନ ପଟ୍ଟନାୟକ କିଛି ନିଷ୍ପତ୍ତି ନିଅନ୍ତି ନାହିଁ । ମୋର ରାଜନୈତିକ କ୍ୟାରିୟର ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ଦେବାଶିଷ । ଯେତେ ଚକ୍ରାନ୍ତ କଲେ ବି ମୋତେ ଜେଲ୍ ପଠେଇ ପାରିଲେ ନାହିଁ । ପ୍ରଭାତ ବିଶ୍ୱାଳଙ୍କ ଘରେ ସିବିଆଇ ରେଡ୍ କଲା, କିଛି ପାଇଲା ନାହିଁ । ନୀତିକୁ ବନ୍ଧା ପକାଇ କେବେ କିଛି କାମ କରିନାହିଁ ବୋଲି ପ୍ରଭାତ କହିଛନ୍ତି । ଦଳ ପାଇଁ କାମ କରି ବହିଷ୍କୃତ ହେଲି ବୋଲି ପ୍ରଭାତ କହିଛନ୍ତି । ନବୀନ



ବାବୁ ଭଲ ମଣିଷ । କିନ୍ତୁ ପ୍ୟାରୀ ବାବୁ ଓ ପାଣ୍ଡିଆନ୍‌ଙ୍କ ଉପରେ ନିର୍ଭରଶୀଳ ଥିଲେ । ଦେବାଶିଷଙ୍କୁ ଟାର୍ଗେଟ୍ କରି ପ୍ରଭାତ କହିଛନ୍ତି ମଦୁଆଙ୍କ ଶେଷ ସୀମା ହେଲେ ଦେବାଶିଷ ସାମନ୍ତରାୟ । ବେପାର କରିବା ପାଇଁ ବିଜେଡ଼ି ସହ ଦେବାଶିଷ ଅଛନ୍ତି । ଲୋକଙ୍କ ସହ ଦେବାଶିଷ କେବେ ଦିନଟିଏ ବି ଆସିନାହାଁନ୍ତି ବୋଲି ପ୍ରଭାତ କହିଥିଲେ । ଏଠାରେ ସୂଚନାଯୋଗ୍ୟ, ସନ୍ତୃପ୍ତ ମିଶ୍ରଙ୍କ ପ୍ରାର୍ଥୀତ୍ୱକୁ ନେଇ ନବୀନ ନିବାସରେ ପ୍ରବଳ ହଙ୍ଗାମା ହୋଇଛି । ସେ କହିଛନ୍ତି, ଯାହାଙ୍କୁ ପ୍ରାର୍ଥୀ ଦିଆଯାଇଛି ସେ ଦଳ ପାଇଁ କିଛି କରିନାହାନ୍ତି । ଦଳର ୪ ହଜାର କୋଟି ଟଙ୍କା ହଡ଼ପ କଥା ଉଠାଇ କିଏ ନେଇଛି ଆପଣମାନେ ଖୋଜନ୍ତୁ । ଦଳ ମୋର ବହୁ କ୍ଷତି କରିଛି, ମୁଁ କିନ୍ତୁ ଦଳର କ୍ଷତି କରି ନାହିଁ । ପାଣ୍ଡିଆନ୍ ଓ ସୁଜାତା ଦଳ ପାଇଁ କରିଛନ୍ତି । ନବୀନ ବାବୁ ଆଲୋଚ଼ନା କରନ୍ତୁ । ଯଦି ଆଲୋଚ଼ନା ନ କରିବେ ତେବେ ଦଳଠାରୁ ଦୂରେଇ ଯିବି ବୋଲି ପ୍ରଭାତ କହିଛନ୍ତି ।

# ଟେରାକୋଟା କୃତି ପ୍ରସ୍ତୁତିରେ ବିଶ୍ୱ ରେକର୍ଡ଼ କଲା ଓଡ଼ିଶା : ମନ୍ତ୍ରୀ



ଭୁବନେଶ୍ୱର: ଟେରାକୋଟା କୃତି ପ୍ରସ୍ତୁତିରେ ବିଶ୍ୱ ରେକର୍ନ କରିଛି ଓଡିଶା । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ "ଭବ୍ୟ ଟେରାକୋଟା କୃତି ପ୍ରସ୍ତୁତି" ପ୍ରତିଯୋଗିତାରେ ଦୁଇଟି ନୂଆ କୀର୍ତ୍ତିମାନ "ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍" ଲିପିବଦ୍ଧ ହୋଇଛି । ଏକକାଳୀନ ୧୦୦୦ ମୃତ୍ତିକା ଶିଳ୍ପୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସର୍ବାଧିକ ପ୍ରତିଯୋଗୀ ବର୍ଗରେ ନୂଆ ରେକର୍ଡ଼ ସୃଷ୍ଟି କରିଛନ୍ତି । ସେହିପରି ପୂର୍ବ ରେକର୍ଡ଼କୁ ଭାଙ୍ଗି ୭ ଜଣ ମୃତ୍ତିକା କାରିଗର ନୂଆ ରେକର୍ଡ଼ ସୃଷ୍ଟି କରିଛନ୍ତି । ବରଗଡର ଟେରାକୋଟା ହସ୍ତଶିଳ୍ପୀ ସେବକ ରଣା ଏକ ଘଣ୍ଟା ମଧ୍ୟରେ ୩୧୦ ଟି ଗ୍ଲାସ୍ ପ୍ରସ୍ତୁତ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ନୟାଗଡର ମାଧବ ମୁଦୁଲି, ବଲାଙ୍ଗୀରର ଥାନ ସୁନ୍ଦର ରଣା, ବାଲେଶ୍ୱରର ରମେଶ ଚ଼ନ୍ଦ୍ର ମୁଦୁଲି, ଅନୁଗୁଳର ବିଜୟ ବେହେରା, ବଲାଙ୍ଗୀରର ବସନ୍ତ ରଣା, କେନ୍ଦ୍ରାପଡାର ମକର କେତନ ସାହୁ ଯଥାକ୍ରମେ ୨୪୮, ୨୩୨, ୨୩୦, ୨୨୭, ୨୧୯ ଓ ୨୧୮ ଟି ମାଟି ପାତ୍ର ପ୍ରସ୍ତୁତ କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସୂଚ଼ନାଯୋଗ୍ୟ, ଏହା ପୂର୍ବରୁ ଆମେରିକାର ମାଇକେଲ୍ ୱେବର୍ ଏକ ଘଣ୍ଟା ସମୟ ମଧ୍ୟରେ ୨୧୨ ଟି ମାଟି ପାତ୍ର ପ୍ରସ୍ତୁତ କରି "ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍"ରେ ସ୍ଥାନ ପାଇଥିଲେ । ଓଡିଶାର ୭ ଜଣ ଟେରାକୋଟା ହସ୍ତଶିଳ୍ପୀ ଏହି ରେକର୍ଡ଼କୁ ଭାଙ୍ଗିଛନ୍ତି । ସ୍ଥାନୀୟ କଳାଭୂମିଠାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକଭାବେ ମାନ୍ୟବର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉଦ୍ଘାଟନ କରି କହିଥିଲେ, "ଟେରାକୋଟା ଏବଂ କୁମ୍ଭାର ଶିଳ୍ପ" ଆମ ସମୃଦ୍ଧ ହସ୍ତଶିଳ୍ପର ପରିଚ଼ୟ ।

# ଓଡ଼ିଶାର ବିଭିନ୍ନ ସ୍ଥାନର ଅପଭ୍ରଂଶ ଇଂରାଜୀ ନାମ ବଦଳିବ

ଭୁବନେଶ୍ୱର:: ଓଡ଼ିଶାର ବିଭିନ୍ନ ସ୍ଥାନର ଅପଭ୍ରଂଶ ଇଂରାଜୀ ନାମ ବଦଳିବ । ମୂଳ ଓଡ଼ିଆ ନାମର ହେବ ପୁନରୁଦ୍ଧାର । ପ୍ରସ୍ତାବ ନିମନ୍ତେ ଜିଲ୍ଲାପାଳଙ୍କୁ ଚ଼ିଠି ଲେଖିଛନ୍ତି ରାଜସ୍ୱ ସଚ଼ିବ । ବ୍ରିଟିଶ୍ ଶାସନ ସମୟରୁ ପ୍ରଚ଼ଳିତ ଭୁଲ୍ ବନାନ୍ ସଂଶୋଧନ ହେବ । ଓଡ଼ିଶାର ଯେଉଁ ସ୍ଥାନଗୁଡ଼ିକରେ ସରକାରୀ ଭାବରେ ବ୍ୟବହୃତ ଇଂରାଜୀ ନାମଗୁଡ଼ିକ ପ୍ରାମାଣିକ ଓଡ଼ିଆ ନାମର ଅପଭ୍ରଂଶ ହେଉଛି । ସେହି ସ୍ଥାନଗୁଡ଼ିକର ମୂଳ ଓଡ଼ିଆ ନାମ ପୁନଃସ୍ଥାପନ ସମ୍ପର୍କରେ ପ୍ରସ୍ତାବ ପଠାଇବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ବିଭାଗ ଜିଲ୍ଲାପାଳମାନଙ୍କୁ ଚ଼ିଠି ଲେଖିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନ ଯଥା ଜିଲ୍ଲା, ଜିଲ୍ଲା ମୁଖ୍ୟାଳୟ, ଉପଖଣ୍ଡ, ବ୍ଲକ୍ ଏବଂ ତହସିଲ, ଯେଉଁଠି ବର୍ତ୍ତମାନ ସରକାରୀ ବ୍ୟବହାରରେ ଥିବା ଇଂରାଜୀ ନାମଗୁଡ଼ିକ ସେମାନଙ୍କର ପ୍ରାମାଣିକ ଓଡ଼ିଆ ନାମକରଣର ଅପଭ୍ରଂଶ ସୃଷ୍ଟି କରୁଛି । ଏହିପରି ବିକୃତି, ଆମ ରାଜ୍ୟର ପ୍ରକୃତ ଭାଷାଗତ ଏବଂ ସାଂସ୍କୃତିକ ପରିଚ଼ୟକୁ ଭୁଲ୍ ଭାବରେ ପ୍ରତିପାଦନ କରୁଛି, ଓଡ଼ିଆ ଅସ୍ମିତାର ସାରକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି । ଯାହା ବ୍ରିଟିଶ ଶାସନ ସମୟରେ ଉଚ୍ଚ଼ାରଣ ଅସୁବିଧା ଯୋଗୁଁ ପ୍ରଚ଼ଳିତ ଏକ ଭୁଲ୍ ବନାନ ଏବଂ ଏହାକୁ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି ବୋଲି ରାଜସ୍ୱ ସଚ଼ିବ ଡ. ଅରବିନ୍ଦ ପାଢୀ ଚ଼ିଠିରେ ଉଲ୍ଲେଖ କରିଛନ୍ତି । ଏହି ପ୍ରସଙ୍ଗରେ ପୂର୍ବରୁ ସମସ୍ତ ଜିଲ୍ଲାପାଳଙ୍କ ଠାରୁ ଏକ ବିସ୍ତୃତ ରିପୋର୍ଟ ମଗାଯାଇଥିଲା ଓ ଏପର୍ଯ୍ୟନ୍ତ ୧୩ଟି ଜିଲ୍ଲାରୁ ଏହି ସମ୍ପର୍କିତ ସୂଚ଼ନା ପ୍ରାପ୍ତ ହୋଇଛି । ଖୁବ୍ ଶୀଘ୍ର ଏ ସମ୍ପର୍କିତ ରିପୋର୍ଟ୍ ପ୍ରସ୍ତୁତ କରାଯାଇ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ରାଜସ୍ୱ ସଚ଼ିବ ଡ. ପାଢୀ ସୂଚ଼ନା ଦେଇଛନ୍ତି ।

# ବଲାଙ୍ଗୀର ଓ ବରଗଡ଼ ହେଲା ନକ୍ସଲମୁକ୍ତ



ଭୁବନେଶ୍ୱର: ନକ୍ସଲ ବିରୋଧୀ ଅଭିଯାନରେ ଓଡ଼ିଶା ପୁଲିସକୁ ଐତିହାସିକ ସଫଳତା ମିଳିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାକୁ ନକ୍ସଲମୁକ୍ତ ଜିଲ୍ଲା ଭାବେ ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଆଜି ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲାରେ ୧୫ ଜଣ ମାଓବାଦୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି । ଏହି ମାଓବାଦୀମାନେ ବରଗଡ଼—ବଲାଙ୍ଗିର—ମହାସମୁନ୍ଦ ଡିଭିଜନରେ ସକ୍ରିୟ ଥିଲେ । ଯାହାଫଳରେ ବରଗଡ଼ ଓ ବଲାଙ୍ଗିର ଜିଲ୍ଲାକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଘୋଷଣା କରାଯାଇଛି । ସୁରକ୍ଷା ବାହିନୀ ତରଫରୁ ଦୀର୍ଘଦିନ ଧରି ଚ଼ାଲିଥିବା ମିଳିତ ଅଭିଯାନ, ଗୁଇନ୍ଦା ସୂଚ଼ନା, କେନ୍ଦ୍ର ଓ ରାଜ୍ୟସୁରକ୍ଷା ବାହିନୀଙ୍କ ସମନ୍ୱିତ ପଦକ୍ଷେପ ଓ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଫଳରେ ଏହି ଦୁଇ ଜିଲ୍ଲାରୁ ନକ୍ସଲ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ଲୋପ ହୋଇପାରିଛି ବୋଲି ଡିଜିପି କହିଛନ୍ତି । ପୁଲିସ ବାହିନୀର ସାହସ, ସଂଯମ ଓ ପ୍ରତିବଦ୍ଧତା ଯୋଗୁଁ ଏହି ସଫଳତା ସମ୍ଭବ ହୋଇଛି । ସେ ଏହି ଅଭିଯାନରେ ଯୋଗଦେଇଥିବା ସମସ୍ତ ଅଧିକାରୀ ଓ କର୍ମଚ଼ାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସାଧାରଣ ଲୋକଙ୍କ ଭରସା ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟର ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଏହି ପ୍ରକାର ଅଭିଯାନକୁ ଆଗାମୀ ଦିନରେ ଅଧିକ ତୀବ୍ର କରାଯିବା ସହ ଶୀଘ୍ର ନକ୍ସଲ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି ।

ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ପ୍ରକାଶ କରିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ଆନ୍ଦୋଳନ ସହିତ ଜଡିତ ୫୯୧ ଜଣ ବ୍ୟକ୍ତି ମୁଖ୍ୟଧାରାରେ ସାମିଲ ହୋଇଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ତେଲଙ୍ଗାନାର ମୂଳତଃ କେବଳ ୧୧ ଜଣ ସକ୍ରିୟ ସଦସ୍ୟ ଅଛନ୍ତି, ସେମାନଙ୍କ ମଧ୍ୟରୁ କିଛି ପୂର୍ବରୁ ଆତ୍ମସମର୍ପଣ ପାଇଁ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚ଼ନା କରୁଛନ୍ତି । ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡିଙ୍କ ଦ୍ୱାରା ଶାନ୍ତି ପାଇଁ କରାଯାଇଥିବା ଆହ୍ୱାନକୁ ଡିଜିପି ଏହି ଧାରା ପାଇଁ ଶ୍ରେୟ ଦେଇଛନ୍ତି । ସେ ପୁନଃ ଦୃଢ଼ କରିଛନ୍ତି ଯେ ରାଜ୍ୟ ସରକାର ଆତ୍ମସମର୍ପଣ କରିଥିବା ବ୍ୟକ୍ତିମାନଙ୍କୁ ସମାଜରେ ସେମାନଙ୍କର ସଫଳ ପୁନଃମିଳନ ସୁନିଶ୍ଚିତ କରିବା ପାଇଁ ତୁରନ୍ତ ସେମାନଙ୍କର ନିର୍ଦ୍ଧାରିତ ପୁରସ୍କାର ଏବଂ ପୁନର୍ବାସର ସୁବିଧା ପ୍ରଦାନ କରିବେ ।

# ପେଟ୍ରୋଲ-ଡିଜେଲ ପର୍ଯ୍ୟାପ୍ତ ଷ୍ଟକ୍ ଉପଲବ୍ଧ

ନୂଆଦିଲ୍ଲୀ , (ପିଆଇବି):ଭାରତ ସରକାର ଆଜି ପଶ୍ଚିମ ଏସିଆରେ ଘଟୁଥିବା ବିକାଶ ସମ୍ପର୍କରେ ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ତୃତୀୟ ଆନ୍ତଃମନ୍ତ୍ରଣାଳୟ ଗଣମାଧ୍ୟମ ବ୍ରିଫିଂ ଆୟୋଜନ କରିଛନ୍ତି । ଏହା ପୂର୍ବରୁ, ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରସ୍ତୁତି ବିଷୟରେ ଗଣମାଧ୍ୟମକୁ ଅବଗତ କରିବା ପାଇଁ ୨୦୨୬ ମାର୍ଚ୍ଚ ୧୧ ଏବଂ ୧୨ ତାରିଖରେ ଏହି ବିଷୟ ଉପରେ ବ୍ରିଫିଂ ଅନୁଷ୍ଠିତ ହୋଇଥିଲା । ଆଜିର ପ୍ରେସ ବ୍ରିଫିଂ ସମୟରେ, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟ ଓ ସୂଚ଼ନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ବର୍ତ୍ତମାନର ପରିସ୍ଥିତି ଏବଂ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସମନ୍ୱିତ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚ଼ନା ପ୍ରଦାନ କରିଥିଲେ । ବ୍ରିଫିଂରେ ଶକ୍ତି ଯୋଗାଣ ପ୍ରସ୍ତୁତି, ସାମୁଦ୍ରିକ ସୁରକ୍ଷା ଏବଂ ଜାହାଜ ପରିଚ଼ାଳନା, ଏହି ଅଞ୍ଚଳରେ ଭାରତୀୟ ନାଗରିକଙ୍କ କଲ୍ୟାଣ ଏବଂ ସାଧାରଣ ଯୋଗାଯୋଗ ତଥା ଅତ୍ୟାବଶ୍ୟକୀୟ ଯୋଗାଣର ତଦାରଖ ସହିତ ଜଡିତ ଦିଗଗୁଡ଼ିକ ଉପରେ ଆଲୋଚ଼ନା କରାଯାଇଥିଲା ।

ଶକ୍ତି ଯୋଗାଣ ଏବଂ ଇନ୍ଧନ ଉପଲବ୍ଧତା

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଅଧିକାରୀ ବର୍ତ୍ତମାନର ଶକ୍ତି ଯୋଗାଣ ପରିସ୍ଥିତି ଏବଂ ପ୍ରଚ଼ଳିତ ଭୂରାଜନୈତିକ ପରିସ୍ଥିତି ଏବଂ ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ ହେବା ଯୋଗୁଁ ଯୋଗାଣରେ ଚ଼ିନ୍ତା ସତ୍ତ୍ୱେ ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ଗଣମାଧ୍ୟମକୁ ସୂଚ଼ନା ଦେଇଥିଲେ । ମନ୍ତ୍ରଣାଳୟ ଅନୁଯାୟୀ:

ଅଶୋଧିତ ତୈଳ

? ଭାରତ ବର୍ତ୍ତମାନ ପ୍ରାୟ ୨୫୮ ଏମଏମଟିପିଏ ର ବିଶୋଧନ କ୍ଷମତା ରଖିଛି ଏବଂ ଏହା ବିଶ୍ୱର ଚ଼ତୁର୍ଥ ବୃହତ ବିଶୋଧନ କେନ୍ଦ୍ର । ଦେଶ ପେଟ୍ରୋଲ ଏବଂ ଡିଜେଲ ଉତ୍ପାଦନରେ ସ୍ୱାବଲମ୍ବୀ, ଏବଂ ଘରୋଇ ଚ଼ାହିଦା ପୂରଣ ପାଇଁ ପେଟ୍ରୋଲ ଏବଂ ଡିଜେଲର କୌଣସି ଆମଦାନୀ ଆବଶ୍ୟକ ନାହିଁ ।

ସମସ୍ତ ରିଫାଇନାରୀ ବର୍ତ୍ତମାନ ଉଚ୍ଚ ସ୍ତରରେ କାର୍ଯ୍ୟ କରୁଛି, ସେମାନଙ୍କ ମଧ୍ୟରୁ କିଛି ୧୦୦% କ୍ଷମତାଠାରୁ ଅଧିକ ମଧ୍ୟ ।

## ମୁଖ୍ୟ ଶାସନ ସଚ଼ିବଙ୍କ ଅଧ୍ୟକ୍ଷତାରେ ସଚ଼ିବସ୍ତରୀୟ ବୈଠକ ଅନୁଷ୍ଠିତ

# ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଲକ୍ଷ୍ୟ ହାସଲ ପାଇଁ ୨ ବର୍ଷିଆ କାର୍ଯ୍ୟାନୁଷ୍ଠାନ ଯୋଜନା କାର୍ଯ୍ୟକାରିତା ନେଇ ଆଲୋଚ଼ନା

ଭୁବନେଶ୍ୱର , (ବ୍ୟୁରୋ): ମୁଖ୍ୟ ଶାସନ ସଚ଼ିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚ଼ିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ଲକ୍ଷ୍ୟ ରଖି ପ୍ରସ୍ତୁତି ହୋଇଥିବା ୨ ବର୍ଷିଆ ଆକ୍ସନ ପ୍ଲାନର କାର୍ଯ୍ୟକାରିତା ନେଇ ନିୟମିତ ସମୀକ୍ଷା ଓ ଏ ନେଇ ନିର୍ଦ୍ଧାରିତ ପ୍ରମୁଖ ପ୍ରଦର୍ଶନ ସୂଚ଼କାଙ୍କ (କେପିଆଇ) କୁ ସରଳୀକରଣ କରି କାର୍ଯ୍ୟ ଅଗ୍ରଗତି କରିବାକୁ ମୁଖ୍ୟ ଶାସନ ସଚ଼ିବ ପରାମର୍ଶ ଦେଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶିତ ୧୫ ବିନ୍ଦୁ କାର୍ଯ୍ୟସୂଚ଼ୀ ମଧ୍ୟରେ ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ କାର୍ଯ୍ୟକାରୀ କରିବା ଅନ୍ୟତମ ପ୍ରାଥମିକତା ରହିଥିବାରୁ ଓଡ଼ିଶାର ଦୀର୍ଘମିଆଦୀ ଲକ୍ଷ୍ୟ ହାସଲ ପାଇଁ ଏଥିପ୍ରତି ସମସ୍ତ ବିଭାଗମାନେ ଗୁରୁତ୍ୱ ଦେବା ଓ ନିୟମିତ ସମୀକ୍ଷା



ସଂପର୍କରେ ମୁଖ୍ୟ ସଚ଼ିବ ଆଲୋଚ଼ନା କରି ପରାମର୍ଶ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚ଼ିବ ମଧ୍ୟ "୩୬ ଫର ୩୬" ପ୍ରମୁଖ ପଦକ୍ଷେପ ଅନ୍ତର୍ଗତ ପ୍ରତ୍ୟେକ ଜିଲ୍ଲାରେ ସନ୍ତୁଳିତ ଓ ସମୟବଦ୍ଧ ବିକାଶ ଉପରେ ଗୁରୁତ୍ୱ ଦେଇ ବଡ଼ ବଡ଼ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ସମୀକ୍ଷା ଓ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ ।

ବୈଠକରେ ମୁଖ୍ୟ ଶାସନ ସଚ଼ିବ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ସଂପର୍କରେ ନିଯୁକ୍ତି ନେଇ ଗୁରୁତ୍ୱାରୋପ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ସବୁବେଳେ ଗୁରୁତ୍ୱାରୋପ କରିଆସୁଥିବା ବେଳେ ଆଗାମୀ ଜୁନ୍ ୨୦୨୬ ସୁଦ୍ଧା ୬୫,୦୦୦ ନିଯୁକ୍ତି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ନୂତନ ସରକାର ଗଠନ ପରେ ଅଦ୍ୟାବଧି ବିଭିନ୍ନ ବିଭାଗମାନଙ୍କ ଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ତଥା ନିଯୁକ୍ତି ମେଳା ମାଧ୍ୟମରେ ୩୧,୫୦୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ଆଗାମୀ ୩ ମାସ ମଧ୍ୟରେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ

ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରାଯାଇଥିଲା । ୩ ମାସ ମଧ୍ୟରେ ଆଉ ୩୪,୬୪୧ ନିଯୁକ୍ତି ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାପ୍ତ ପ୍ରସ୍ତାବ ଅନୁସାରେ ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା କର୍ମଚ଼ାରୀ ଚ଼ୟନ ଆୟୋଗ ଏବଂ ଓଡ଼ିଶା ଅଧସ୍ତନ କର୍ମଚ଼ାରୀ ଚ଼ୟନ ଆୟୋଗ ଆଦିଙ୍କୁ ନିଯୁକ୍ତି ପାଇଁ ଅନୁରୋଧ କରାଯାଇଛି । ବିଭିନ୍ନ ବିଭାଗରେ ନିଯୁକ୍ତି ନେଇ ରହୁଥିବା ବିଭିନ୍ନ ସମସ୍ୟା ଓ ସମାଧାନ ସଂପର୍କରେ **(ପୃଷ୍ଠା-୨ ଦେଖନ୍ତୁ)**

ସମ୍ପାଦକୀୟ

# ରୋଷେଇଶାଳରେ ଚଡକ

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଇରାନ-ଆମେରିକା ଯୁଦ୍ଧର ପ୍ରଭାବ ଏବେ ଭାରତରେ ହାଣ୍ଡିଶାଳ ଓ ରୋଷେଇଶାଳ ଉପରେ ପଡିଛି। ଯୁଦ୍ଧ ଯୋଗୁଁ ରୋଷେଇର ମୁଖ୍ୟ ଜାଳେଣୀ ଗ୍ୟାସର ଘୋର ଅଭାବ ନେଇ ଜନସାଧାରଣ ଆତଙ୍କିତ ହୋଇପଡିଛି। ଏଲପିଜି ସିଲିଣ୍ଡର ଯୋଗାଣକାରୀ ଗ୍ୟାସ ଡିଲରଙ୍କ ଗୋଦାମ ସମ୍ମୁଖରେ ଲମ୍ବାଧାଡି ଦେଖିବାକୁ ମିଳୁଛି। ଏଥିରୁ ଇନ୍ଧନ ଗ୍ୟାସର ଅଭାବ ଉତ୍କଟ ସ୍ପଷ୍ଟ ଅନୁମେୟ କରାଯାଇପାରେ। କହିବା ବାହୁଲ୍ୟ ଯେ, ବିଶ୍ୱର ୧୫୦କୋଟି ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତ, ଯେ କି ବିଶ୍ୱର ଚତୁର୍ଥ ବୃହତମ ରାଜନୈତିକ ଶକ୍ତିଭାବେ ପରିଚିତ, ଏହାର ଚାହିଦାର ୮୦ପ୍ରତିଶତ ଗ୍ୟାସ ବିଦେଶରୁ ଆମଦାନୀ କରିଥାଏ। ଏଥିମଧ୍ୟରୁ କତାର ଓ ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡିକରୁ ୯୦ପ୍ରତିଶତ ପ୍ରାକୃତିକ ଗ୍ୟାସ ହର୍ମୁଦା ପ୍ରଣାଳୀ ଦେଇ ଆମଦାନୀ ହୋଇଥାଏ। ଯୁଦ୍ଧ ଯୋଗୁଁ ହର୍ମୁଦା ପ୍ରଣାଳୀ ଇରାନ ବନ୍ଦ କରିଦେଇଥିବାରୁ ସମ୍ଭବତଃ ଯୁଦ୍ଧ ଶେଷ ନହେବା ପର୍ଯ୍ୟନ୍ତ, ଗ୍ୟାସ ଆମଦାନୀ ହୋଇପାରିବ ନାହିଁ। ଉଲ୍ଲେଖଯୋଗ୍ୟ ରନ୍ଧନ ଗ୍ୟାସର ସ୍ଥିତି ସମ୍ପର୍କରେ ସମୀକ୍ଷା ଲାଗି ସରକାର ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରଥିବାବେଳେ ଅତ୍ୟାବଶ୍ୟକୀୟ ସମଗ୍ରୀ ଆଇନ ଲାଗୁ କରିଛନ୍ତି, ଯାହାକି ଦେଶରେ ଗ୍ୟାସର ଗମ୍ଭୀର ପରିସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରେ। ସାଧାରଣତଃ ଭାରତ ଆମଦାନୀ କରୁଥିବା ପ୍ରାକୃତିକ ଗ୍ୟାସର ବୃହତମ ଅଂଶ ସାର କାରଖାନାକଗୁଡିକୁ ଯାଇଥାଏ। କିନ୍ତୁ ଏବେ ରୋଷେଇଶାଳ ପାଇଁ ପିଏନଜି ଏବଂ ପରିବହନ ପାଇଁ ସିଏନଜିକୁ ଅଗ୍ରାଧିକାର ଦେଇଥିବାବେଳେ ଏହା ପଛକୁ ସାରକାରଖାନା ଓ ଅନ୍ୟାନ୍ୟ ଶିଳ୍ପ ରହିଛି। ସାର କାରଖାନାଗୁଡିକ ପୂର୍ବରୁ ପାଉଥିବା ଗ୍ୟାସର ୭୦ପ୍ରତିଶତ ଦିଆଯିବା ବ୍ୟବସ୍ଥା ହୋଇଥିବାବେଳେ ଉତ୍ପାଦନ ଭିତିକ ଶିଳ୍ପଗୁଡିକ ପୂର୍ବରୁ ବ୍ୟବହାର କରୁଥିବା ଗ୍ୟାସର ୮୦ପ୍ରତିଶତ ଦେବା ପାଇଁ ନିଷ୍ପତି ହୋଇଛି। ଶିଳ୍ପ ସଂସ୍ଥାଗୁଡିକୁ କାଟଛାଟ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଆହୁରି ମଧ୍ୟ ହୋଟେଲ, ରେଷ୍ଟୁରାଂଟ ଗୁଡିକୁ ଗ୍ୟାସଗୁଡିକୁ ଗ୍ୟାସ ଯୋଗାଣ ବନ୍ଦ ଯୋଗୁଁ ବହୁ ବନ୍ଦ ହୋଇଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଟ୍ରେନଗୁଡିକରେ ରନ୍ଧା ଖାଦ୍ୟ ଯୋଗାଣ ବନ୍ଦ ପାଇ ସରକାର ନିଷ୍ପତି ନେଇଥିବା କୁହାଯାଇଛି। ଦେଶରେ ଦୁଇମାସ ପାଇଁ ଗ୍ୟାସ ମହଜୁଦ କୁହାଯାଉଥିବା ପରିସ୍ଥିତି ନସୁଧୁରିଲେ କି ଆମଦାନୀ ହୋଇନପାରିଲେ, ସଂକଟ ଉତ୍କଟ ହେବା ଆଶଙ୍କାକୁ ଅଣଦେଖା କରାଯାଇନପାରେ। ଲୋକଙ୍କ ବଂଚିବା ପାଇଁ ଖାଦ୍ୟ ଆବଶ୍ୟକ ଥିବାରୁ ସରକାର ରୋଷେଇଶାଳ ପାଇଁ ଅଗ୍ରାଧିକାର ଦେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ତେବେ ପୂର୍ବରୁ ୧୪ଦିନ ପରେ ଗ୍ୟାସ ବୁକିଂ ସମୟସୀମା ଧାର୍ଯ୍ୟ ହୋଇଥିବାବେଳେ ଏବେ ୨୫ଦିନକୁ ସମୟସୀମା ବୃଦ୍ଧି ହୋଇଛି। କେବଳ ଏତିକି ନୁହେଁ, ରନ୍ଧନ ଗ୍ୟାସ ୪.୨ କେଜି ବିଶିଷ୍ଟ ଘରୋଇ ସିଲିଣ୍ଡର ପିଛା ୫୫ଟଙ୍କା ବୃଦ୍ଧି କରି ସାରିଥିବାବେଳେ ହୋଟେଲ, ରେଷ୍ଟୁରାଂଟଗୁଡିକରେ ବ୍ୟବହୃତ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ୧୧୫ ଟଙ୍କା ବଢାଇଛନ୍ତି। ଏଣିକି ମାତ୍ର ଅଢେଇ ଦିନରେ ଗ୍ୟାସ ସିଲିଣ୍ଡର ଘରେ ପହଂଚାଇବାକୁ ସରକାର ଘୋଷଣା କରିଛନ୍ତି ସତ୍ୱେ ବାସ୍ତବରେଏହା କେତେଦୂର ସମ୍ଭବ ହେବ, ତାହା ଭବିଷ୍ୟତ କହିବ। ପ୍ରକାଶ ଯୋଗ୍ୟ ଯେ, ଦେଶରେ ଏବେ ପ୍ରାୟ ୯୦ପ୍ରତିଶତ ପରିବାରର ମୁଖ୍ୟ ରୋଷେଇ ଉତ୍ସ ରନ୍ଧନ ଗ୍ୟାସ ରହିଛି। ତେବେ ଦେଶରେ ଅଧିକ ମାସ ପାଇଁ ମହଜୁଦ ନାହିଁ। ପ୍ରକାଶ କରାଯାଇପାରେ ଗତ ୨୦୨୨-୨୩ରେ ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ଦେଶର ଅର୍ଥନୀତି ଉପରେ ଏତେ ପ୍ରଭାବ ପଡିଥିଲା ଯେ, ଦେଶର କରେଂଟ ଆକାଉଂଟ ଡେପିସିଟ୍ (ସିଏଡି) ୬୭.୧ ବିଲିଅନ ଡଲାରରେ ପହଁଚିଥିଲା। ଯାହାକି ୧୦ବର୍ଷରେ ସର୍ବୋଚ୍ଚ ଥିଲା। ତେବେ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରାଯାଇପାରିଥିଲା। ଦେଶକୁ ଦେଶକୁ ୫୭.୯ ବିଲିଅନ ଡଲାରର ନେଟ୍ ଫିଜି ଆଗମନ, ବୈଦେଶିକ ମୁଦ୍ରା ଭଣ୍ଡାରକୁ ଉଠାଣ ହ୍ରାସ ଏବଂ ରୁଷ ଠାରୁ ରିହାତିରେ ଅଶୋଧିତ ତେହଳ କ୍ରୟ ଯୋଗୁଁ ସିଏଡି ୨୬.୧ ବିଲିଅନ ଡଲାରକୁ ହ୍ରାସ ପାଇଥିଲା। ଏବେ ଇରାନ-ଆମେରିକା ଯୁଦ୍ଧ ଯୋଗୁଁ ସେପରି ହେବାର ସମ୍ଭାବନା ନାହିଁ। ବିଶ୍ୱବ୍ୟାପୀ ଅଶୋଧିତ ତୈଳର ସଂକଟ ସୃଷ୍ଟି ହୋଇଥିବା ବେଳେ ରୁଷଠାରୁ ଭାରତ ଆଉ ରିହାତିରେ ତୈଳ କିଣିବା ସମ୍ଭାବନା ଆଦୌ ନାହିଁ। ଆମେରିକା ଚାପରେ ଭାରତ ରୁଷ ଠାରୁ ତୈଳ କିଣିବା ବନ୍ଦ କରି ନିଜ ଗୋଡରେ ନିଜେ କୁରାଢୀ ମାରିଛି। କେବଳ ଅର୍ଥନୀତି ନୁହେଁ, ଫର୍ଟିଲାଇଜର ସେକ୍ଟରକୁ ଗ୍ୟାସ କଟକଣା ଯୋଗୁଁ ଦେଶରେ ସାର ଉତ୍ପାଦନ ହ୍ରାସ ପାଇବା ଯୋଗୁଁ କୃଷି କ୍ଷେତ୍ର ବିଶେଷ ଭାବେ ପ୍ରଭାବିତ ହେବା ସମ୍ଭାବନା ଅଧିକ। ଏବେ ଫର୍ଟିଲାଇଜର ସେକ୍ଟରକୁ ଚାହିଦା ମୁତାବକ ଗ୍ୟାସ ଯୋଗାଣ ସତ୍ୱେ ଦେଶରେ ଉତ୍କଟ ସାର ଅଭାବ ଲାଗି ରହିଛି। ସାର ଉତ୍ପାଦନ ପୁଣି ହ୍ରାସ ପାଇବା ଆଶଙ୍କା ଥିବାରୁ ଦେଶରେ କୃଷି ଉତ୍ପାଦନ ହ୍ରାସ ପାଇବା ଆଶଙ୍କା ଏଡାଇ ଦେଇ ହେଉନାହିଁ। କହିବା ବାହୁଲ୍ୟ ଯେ, ଡିଜିପିରେ କୃଷିର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାରୁ ଅର୍ଥନୀତି ଉପରେ ପ୍ରଭାବ ପକାଇବ। ଏଥିଲାଗି ବେଳହୁଁ ସାମଧାନ ହେବା ଜରୁରୀ।

# ଭଗବାନ ମିଶ୍ରଙ୍କ ୯୦ତମ ଜୟନ୍ତୀ ପାଳନ ଅବସରରେ ପ୍ରାଚୀନ ପରମ୍ପରା ପୁନରୁଦ୍ଧାର ପାଇଁ ସମାଜକୁ ଆହ୍ୱାନ



ବରଗଡ଼ , (ବ୍ୟୁରୋ): ଭଗବାନ ମିଶ୍ର ଙ୍କ ପ୍ରତିମୂର୍ତ୍ତିରେ ଦିନବେଳା ସମିତିର ସଭାପତି,ସଦସ୍ୟ ଓ ବୁଦ୍ଧିଜିବୀ ପୁଷ୍ପମାଲ୍ୟ ଅର୍ପଣ କଲାପରେ ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଭଗବାନ ମିଶ୍ର ସ୍ମୃତି ସମିତି ଦ୍ୱାରା ବିଶିଷ୍ଟ ଶିକ୍ଷାବିତ ଓ ସମାଜ ସଂସ୍କାରକ ସ୍ୱ. ଭଗବାନ ମିଶ୍ର ଙ୍କ ୯୦ତମ ଜୟନ୍ତୀ ସମିତିର ସଭାପତି ସର୍ଦ୍ଦାର ପ୍ରିତମ ସିଂ ସଭାପତିତ୍ୱକରି ସ୍ୱାଗତ କରିଥିଲେ। ମୁଖ୍ୟ ବକ୍ତା ଭାବେ ପଦ୍ମପୁର, ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଯୋଗଦେଇ ପ୍ରାଚୀନ ଗୁରୁକୁଳ ପରମ୍ପରା ଭାରତକୁ 'ବିଶ୍ୱଗୁରୁ" ଭାବେ ଗୌରବାନ୍ୱିତ କରିଥିଲା ଯାହାକି ବିଦେଶୀ ପ୍ରଭାବରେ ସେହି ଉତ୍କଳ ମୂଲ୍ୟବୋଧ କ୍ରମେ କ୍ଷୀଣ ହୋଇଗଲା। ଆଜି ସମୟ ଆସିଛି ଆମେ ସେହି ପବିତ୍ର ପରମ୍ପରାକୁ ପୁନର୍ଜୀବିତ କରିବାର। ଭଗବାନ ମିଶ୍ରଙ୍କ ଜୟନ୍ତୀ ପାଳନ ଓ ଶିକ୍ଷକ-ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ସମ୍ମାନ ଦେବା ମାଧ୍ୟମରେ ଆମେ ସେହି ଆଦର୍ଶକୁ ଜାଗ୍ରତ କରିପାରିବା ବୋଲି ମନ୍ତବ୍ୟ ରଖୁଥିଲେ।ଏହି ଅବସରରେ ବିଶିଷ୍ଟ ଶିକ୍ଷୟିତ୍ରୀ ଓ ସାହିତ୍ୟିକା ଶ୍ରୀମତୀ ସଂତୋଷିନୀ ଦାଶ,ବରଗଡ଼ କୁ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନ ରେ ସମ୍ମାନିତ ତଥା ସମ୍ବଦ୍ଧିତ କରାଯାଇଥିଲା। ସଭାରେ ଶ୍ରୀ ଜଗଦାନନ୍ଦ ମିଶ୍ର ଅତିଥି ମାନଙ୍କୁ ଦୀପ ପ୍ରଜ୍ୱଳନ ସହ ମଞ୍ଚାସୀନ କରାଇଥିବା ବେଳେ ପ୍ରଫେସର ସନ୍ତୋଷ ପଣ୍ଡା ଅତିଥି ପରିଚୟ କରାଇଥିଲେ।ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ସମ୍ପାଦକ ଶ୍ରୀ ପ୍ରତୁଳ ଚନ୍ଦ୍ର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ଓ ମାନପତ୍ର ପଠନ କରିଥିଲେ। ଦୀପମ୍ ଜ୍ୟୋତି ଶ୍ଳୋକ ଶ୍ରୀମତୀ ମନୋରମା ଷଡଙ୍ଗୀ ଗାନ କରିଥିବାବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ହିନ୍ଦୀ ବିଭାଗ) ସ୍ୱାଗତ ସଂଗୀତ ଗାନ କରିଥିଲେ।ଭଜନ ଗାନ କରିଥିଲେ ମହମ୍ମଦ ତୌଫିକ ଖାଁ।ଉକ୍ତ ସମାରୋହରେ ଲୋକସଭା ସାଂସଦ ଶ୍ରୀ ପ୍ରଦୀପ ପୁରୋହିତଙ୍କ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରୀ ଅକ୍ଷୟ କୁମାର ମହାକୁଡ଼ଙ୍କୁ ରାଧେଶ୍ୟାମ ପୁରୋହିତ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।ବରଗଡ଼ ଜିଲ୍ଲାରେ ୨୦୨୫ ବର୍ଷ ୧୦ମ ବୋର୍ଡ଼ ପରୀକ୍ଷା ରେ ସର୍ବାଧିକ ମାର୍କ ଓ ବିଭିନ୍ନ ବିଷୟରେ ସର୍ବାଧିକ ମାର୍କ ରଖୁଥିବା ୮ଜଣ ଛାତ୍ରଛାତ୍ରୀଙ୍କୁ ମେଧା ପୁରସ୍କାର ପ୍ରଦାନ ସହ ହିନ୍ଦୀ ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ୩୩ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ପାଇଁ ଶ୍ରୀ ବିନୋଦ ସାହୁ, ରାମକୃଷ୍ଣ ଠାକୁର ଙ୍କ ସହ ମଞ୍ଚରେ ବିଭିନ୍ନ କାର୍ଯ୍ୟକ୍ରମର କମଳ ଯୋଶୀ, ନୀଳାମ୍ବର ମେହେର,ଜଗଦୀଶ ସୈନ,ଅରବିନ୍ଦ ଗୁମ୍ପା,ଅଭିମନ୍ୟୁ ଭୋଷାଗର,ମନୋରମା ଷଡ଼ଙ୍ଗୀ,ମିନାକ୍ଷୀ ଦାଶ,ଖୁସୁବୁ ଶର୍ମା,ସଂଘମିତ୍ରା ପଟେଲ,ଗୋପାଳ ଷଡଙ୍ଗୀ,ସୁନୀଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ସାଇବର ଅପରାଧ ନେଟୱାର୍କ ପଣ୍ଡ: ୩ ଗିରଫ



ବ୍ରଜରାଜନଗର, (ସ୍ୱ.ପ୍ର): ଓରିଏଣ୍ଟ ପୁଲିସ ଏକ ସଂଗଠିତ ଅନ୍ତଃରାଜ୍ୟ ସାଇବର ଅପରାଧ ନେଟୱାର୍କକୁ ପଣ୍ଡ କରିଦେଇଛି। ଏହି ଘଟଣାରେ ତୌଫିକ୍ ଅନସାରୀ, ମହମ୍ମଦ ହାସିମ, ହାସିମ୍ ଅନସାରୀଙ୍କ ନିର୍ଦ୍ଦେଶରେ ମ୍ୟୁଲ୍ ଆକାଉଣ୍ଟ୍ ପରିଚାଳନାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଲମଟିବାହଲ କ୍ୟାମ୍ପସ ଛକର ଶିବମ କୁମାର ସିଂ, ମଣ୍ଡଲିଆ ମଙ୍ଗଳବଜାରର ସନ୍ତୋଷ ସିଂ ଓ ଚୁନାଭଟାର କିଶୋର ଛୁରା। ସେମାନଙ୍କ ଠାରୁ ୨ଟି ବ୍ୟାଙ୍କ ପାସବୁକ, ୪ଟି ମୋବାଇଲ୍ ଆଦି ଜବତ ହୋଇଛି। ସମ୍ପୃକ୍ତ ସାଇବର ଠକ ମାନେ ଗିରଫ ୩ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକୁ 'ମୁଲ୍' ଭାବେ ବ୍ୟବହାର କରୁଥିଲେ। ଏହି ଆକାଉଣ୍ଟ ଗୁଡ଼ିକ ସମଗ୍ର ଭାରତରେ ସାଇବର ଠକେଇର ଶିକାର ହୋଇଥିବା ଲୋକଙ୍କଠାରୁ ଚୋରି ହୋଇଥିବା ଟଙ୍କା ଗ୍ରହଣ କରିବା, ଜମା କରିବା ଏବଂ ପରେ ସେହି ଜମା ଟଙ୍କାକୁ ଉଠାଇବା ପାଇଁ ବ୍ୟବହାର କରାଯାଉଥିଲା। ଏନେଇ ଆଜି ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି।

# ମହିଳାଙ୍କୁ ସଶକ୍ତ କରୁଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର: ଆଲୁମିନିୟମ ଲାଞ୍ଜିଗଡ଼ରେ ଶିକ୍ଷା କ୍ଷେତ୍ରରେ ନିବେଶ ସହିତ ଘର ନିକଟରେ ନିଯୁକ୍ତି ସୁଯୋଗ ସୃଷ୍ଟି



ଲାଗି କାର୍ଯ୍ୟ କରୁଛି । ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଏବଂ ଶିଳ୍ପ ଆବଶ୍ୟକତା ମୁତାବକ ଦକ୍ଷତା ବିକାଶ ରାସ୍ତା ଖୋଲିବା ଦ୍ୱାରା, କମ୍ପାନୀ ଏହି ଅଞ୍ଚଳର ଯୁବତୀମାନଙ୍କ ପାଇଁ କଷ୍ଟକର ବୋଲି କୁହାଯାଉଥିବା କ୍ୟାରିୟରରେ ଗଠନରେ ସକ୍ଷମ କରୁଛି। ପ୍ରିୟଙ୍କା ମହାକୁଡଙ୍କ ଯାତ୍ରା ଏହାର ଏକ ଉଦାହରଣ। ଲାଞ୍ଜିଗଡ଼ରେ ଜନ୍ମଗ୍ରହଣ କରି ବଢ଼ିଥିବା ପ୍ରିୟଙ୍କା ବେଦାନ୍ତ ଡିଏଭି ଇଣ୍ଟରନ୍ୟାସନାଲ ସ୍କୁଲରେ ଅଧ୍ୟୟନ କରିଥିଲେ, ଯାହା ଏହି ଅଞ୍ଚଳର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରିୟକା ବି.ଏସ୍ ସି ଶେଷ କରିବା ପରେ ଭୁବନେଶ୍ୱରର ମହର୍ଷି ମହାବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନ (ସମ୍ମାନ) ରେ ତାଙ୍କ ଶିକ୍ଷାର ଯାତ୍ରା ଜାରି ରଖୁଥିଲେ ଏବଂ ବର୍ତ୍ତମାନ ଦୂର ନିରନ୍ତର ଶିକ୍ଷା ମାଧ୍ୟମରେ ବାୟୋଟେକ୍ନୋଲୋଜିରେ ସ୍ନାତକୋତ୍ତର କରୁଛନ୍ତି। ପ୍ରିୟଙ୍କାଙ୍କ ପାଇଁ, ଏହା କେବଳ ଉଚ୍ଚ ଶିକ୍ଷା ନୁହେଁ ବରଂ ବୃତ୍ତିଗତ ମହତ୍ୱାକାଂକ୍ଷା ପାଇଁ ମଧ୍ୟ ମୂଳଦୁଆ ପକାଇଥିଲା। ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିବାରେ ସେ ତାଙ୍କ ପରିବାରର ପ୍ରଥମ ବ୍ୟକ୍ତି ହୋଇଥିଲେ, ଯାହା ତାଙ୍କ ପରିବାର ସହିତ ଏହି ଅଞ୍ଚଳରେ ଶିକ୍ଷାର ଗୁରୁତ୍ୱକୁ ବଢାଇ ଥିଲା ଆଜି ତାଙ୍କ ଭଉଣୀ କଟକରେ ଆଇନ ପାଠ ପଢୁଛନ୍ତି ଏବଂ ତାଙ୍କ ଭାଇ ଭୁବନେଶ୍ୱରରେ ଇଞ୍ଜିନିୟରିଂ ପଢୁଛନ୍ତି । ସେ ବର୍ତ୍ତମାନ ବେଦାନ୍ତର ଆଲୁମିନା ରିଫାଇନାରୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ, ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ୍ ସିଷ୍ଟମ୍ ( ଡିସିଏସ) ରେ କାର୍ଯ୍ୟ କରନ୍ତି, ଯାହାକୁ କାରଖାନାର ସ୍ନାୟୁ କେନ୍ଦ୍ର ଭାବରେ ବିବେଚନା କରାଯାଏ ।

## ନବ ଦାସ ହତ୍ୟା ମାମଲା

# ପିଏସ୍‌ଓ ଏବଂ ପ୍ରତ୍ୟେକ୍ଷଦର୍ଶୀଙ୍କ ସାକ୍ଷ୍ୟ ଗ୍ରହଣ

ଝାରସୁଗୁଡ଼ା, (ସ୍ୱ.ପ୍ର): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ତାଙ୍କର ତତ୍କାଳୀନ ପିଏସ୍‌ଓ ମିତ୍ରଭାନୁ ଦେଓ ଶନିବାର ଝାରସୁଗୁଡ଼ା ଅତିରିକ୍ତ ଜିଲାଜଜ୍ କୋର୍ଟରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଛନ୍ତି।

ଦେଓ ସାକ୍ଷ୍ୟ ପ୍ରଦାନ ବେଳେ କହିଛନ୍ତି, ୨୦୨୩ ଜାନୁଆରୀ ୨୯ ତାରିଖରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ଗାନ୍ଧୀଛକଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ନବ ଦାସ ଯୋଗଦେବାକୁ ଯାଉଥିଲେ। ସେ ତାଙ୍କ ଇନୋଭା କାର୍‌ର ଆଗ ସିଟ୍‌ରେ ବସିଥିବା ବେଳେ ପଛ ସିଟ୍‌ରେ ଅନ୍ୟ ୩ ଜଣ ବସିଥିଲେ। ମୁଁ ତାଙ୍କ କାର ପଛରେ ଥିବା ଏକ ବୋଲେରୋରେ ବସିଥିଲି। ସଭାସ୍ଥଳ ନିକଟରେ ପହଞ୍ଚିବା ପରେ ବାଦ୍ୟ ବାଜିବା ସହିତ ବାଣ ଫୁଟୁଥିଲା। ନବ ଦାସ କାରରୁ ଓହ୍ଲାଇବା ସମୟରେ ଉପସ୍ଥିତ ଜନସାଧାରଣ ତାଙ୍କୁ ଫୁଲମାଳ ପିନ୍ଧାଉଥିବା ବେଳେ ବନ୍ଧୁକରୁ ଗୁଳି ଫୁଟିବା ଶବ୍ଦ ଶୁଣିବାକୁ ମିଳିଥିଲା। ଏହି ସମୟରେ ଲୋକମାନେ ଭୟରେ ଦୌଡ଼ାଦୌଡ଼ି ହୋଇ ପଳାଉଥିବା ବେଳେ ମୁଁ ନବ ଦାସଙ୍କ ପାଖରେ ପହଞ୍ଚି ଥିଲି। ମୋତେ କିଏ ଗୁଳି ମାରିଦେଲା ବୋଲି ନବ କହିଥିଲେ।

ଏହି ସମୟରେ ଇନୋଭା କାର ନିକଟରେ ତତ୍କାଳୀନ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ଗୋପାଳ ଦାସ ବନ୍ଧୁକ ଧରି ଛିଡ଼ା ହୋଇଥିଲେ। ତତ୍କାଳୀନ ବ୍ରଜରାଜନଗର ଥାନା ଅଧିକାରୀ ପହଞ୍ଚି ଆୟତ୍ତ କରିବା ପାଇଁ ଗୋପାଳ ବନ୍ଧୁକ ଧରିଥିବା ହାତକୁ ଉପରକୁ ଟେକି ଦେଇଥିଲେ। ଫଳରେ ଦୁଇଟି ବ୍ଲାଙ୍କ୍ ଫାୟାରିଂ ମଧ୍ୟ ହୋଇଥିଲା। ନବ ଦାସଙ୍କୁ ତୁରନ୍ତ ଝାରସୁଗୁଡ଼ା ଜିଲା ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱର ଏୟାରଲିଫ୍ଟ କରାଯାଇଥିଲା। ଏ ସମ୍ପର୍କରେ ମିତ୍ରଭାନୁ କୋର୍ଟଙ୍କୁ ଜଣାଇଥିବା ନେଇ ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକ ପ୍ରକାଶ କରିଛନ୍ତି। ଅପରପକ୍ଷେ ଏହି ଘଟଣାରେ ଗିରଫ ହୋଇ ଚୌଦ୍ୱାର ଜେଲରେ ଥିବା ଅଭିଯୁକ୍ତ ଗୋପାଳ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କୋର୍ଟରେ ହାଜର ହୋଇଥିଲେ।

# ସ୍ଥାନୀୟ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଠାରୁ ସାମଗ୍ରୀ କ୍ରୟ ବଢ଼ାଇବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା ( ନି ପ୍ର )- ଜିଲ୍ଲାପାଳ କୁଣାଲ ମୋତିରାମ ଚ୍ହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ବିକ୍ରେତା ବିକାଶ ବୈଠକ ଗତ ୨୦ ତାରିଖ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ବଲପୁରର ଏମସିଏଲ୍, ବନହରପାଲିର ଓପିଜିସି ଲିମିଟେଡ୍, ବେଦାନ୍ତ ଲିମିଟେଡ୍ ଭଳି ବୃହତ ଶିଳ୍ପସଂସ୍ଥାର କ୍ରୟ ବିଭାଗ ମୁଖ୍ୟ ମାନଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପ୍ରବନ୍ଧକ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି ଏବଂ ଜିଲ୍ଲାର ଅନ୍ୟାନ୍ୟ ଏମଏସଏମଇ ଉଦ୍ୟୋଗୀମାନେ ଯୋଗ ଦେଇଥିଲେ। ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ଠାରୁ ଅଧିକ ପରିମାଣରେ ସାମଗ୍ରୀ କ୍ରୟ କରିବାକୁ ଜିଲ୍ଲାପାଳ ବୃହତ ଶିଳ୍ପ ସଂସ୍ଥାଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆଲୋଚନା ସମୟରେ ବିଭିନ୍ନ ବୃହତ ଶିଳ୍ପର କ୍ରୟ ବିଭାଗ ମୁଖ୍ୟମାନେ ସେମାନଙ୍କର ଆବଶ୍ୟକତା ଏବଂ ସେହି ସମସ୍ତ ସାମଗ୍ରୀର ଏକ ତାଲିକା ପ୍ରଦାନ କରିଥିଲେ, ଯାହା ସ୍ଥାନୀୟ ଏମଏସଏମଇଗୁଡ଼ିକ ଯୋଗାଇ ଦେଇପାରିବେ।

ସ୍ଥାନୀୟ ଉଦ୍‌ଯୋଗୀମାନେ ଯେପରି ବୃହତ ଶିଳ୍ପର ଚାହିଦା ଓ ମାନ ଅନୁଯାୟୀ ସାମଗ୍ରୀ ପ୍ରସ୍ତୁତ କରି ସେମାନଙ୍କ ସହ ସଫଳ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିପାରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ଏକ ସହାୟକ ବାତାବରଣ ସୃଷ୍ଟି କରାଯିବ। ବୃହତ ଶିଳ୍ପ ଓ ସ୍ଥାନୀୟ ଉଦ୍ୟୋଗୀଙ୍କ ମଧ୍ୟରେ ଏହି ସମନ୍ୱୟ ଜିଲ୍ଲାର ଶିଳ୍ପ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ।

# ସହରାଞ୍ଚଳ ଗୃହନିର୍ମାଣ ମିଶନକୁ ସୁଦୃଢ଼ କରିବ 'ପିଏମଏୱାଇ-ଅର୍ବାନ ବନ୍ଧୁ'

ଭୁବନେଶ୍ୱର( ସ୍ୱ ପ୍ର) : ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ବାସହୀନ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କୁ ସୁଲଭ ମୂଲ୍ୟରେ ପକ୍କାଘର ଯୋଗାଇଦେବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ର ସଫଳ ରୂପାୟନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟରେ 'ପିଏମଏୱାଇ-ଅର୍ବାନ ବନ୍ଧୁ' କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟୟବରାଦ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟତଃ ଆର୍ଥିକ ଅନଗ୍ରସର ଶ୍ରେଣୀ ଏବଂ ସହରାଞ୍ଚଳର ଭୂମିହୀନ ପରିବାରଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ସହ ସେମାନଙ୍କ ପାଇଁ ଆବାସ ସୁବିଧା ସୁନିଶ୍ଚିତ କରାଯିବ।ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି ଯେ, "ପିଏମଏୱାଇ-ଅର୍ବାନ ବନ୍ଧୁ ଯୋଜନା ସୁଲଭ ମୂଲ୍ୟରେ ବାସଗୃହ ନିର୍ମାଣ ପାଇଁ ଜମିର ଉପଲବ୍ଧତାକୁ ସୁନିଶ୍ଚିତ କରିବା ସହ ଗୃହ ନିର୍ମାଣ ମିଶନକୁ ଅଧିକ ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ୨.୦ ଅଧୀନରେ ଥିବା ଏଏଚ୍‌ପି ଭର୍ଟିକାଲ୍ ପାଇଁ ପ୍ରତିବର୍ଷ ୫୦ ଏକର ଜମି ଚିହ୍ନଟ କରାଯିବା ଦ୍ୱାରା ଇଡବ୍ଲୁଏସ୍ ପରିବାରଙ୍କୁ ଗୃହ ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ଏବଂ ସହରାଞ୍ଚଳରେ ପକ୍କାଘର ସୀମା ବୃଦ୍ଧି ପାଇବ।"

ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ପାଇଁ ଚଳିତ ଆର୍ଥିକ ବର୍ଷ ବଜେଟରେ ୧୨୦ କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ପୌରସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପ୍ରକ୍ରିୟାକୁ ସରଳୀକୃତ କରାଯିବ।

ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା' ପରିକଳ୍ପନା ଅନୁଯାୟୀ ୨୦୨୯ ସୁଦ୍ଧା ୯୦ ପ୍ରତିଶତ ପରିବାରଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସହରାଞ୍ଚଳର କୌଣସି ବି ଯୋଗ୍ୟ ପରିବାର ଯେପରି ଏହି ସୁବିଧାରୁ ବଞ୍ଚିତ ନହୁଅନ୍ତି, ତାହାକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ।

## ମୁଖ୍ୟ ଶାସନ ସଚିବଙ୍କ...

ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଆଲୋଚନା କରିଥିଲେ । ବିଭିନ୍ନ ବିଭାଗମାନଙ୍କୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ନିୟମିତ ସମୀକ୍ଷା ସହ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ତତ୍ ସହିତ ଆଗାମୀ ବର୍ଷରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ନିୟମିତ ତଥ୍ୟ ପ୍ରେରଣ ପାଇଁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ୨୦୨୫-୨୬ ବଜେଟ୍ ଅନୁମୋଦନ ଅନୁସାରେ ଆଗାମୀ ମାର୍ଚ୍ଚ ମାସ ସୁଦ୍ଧା ବଜେଟ ଖର୍ଚ୍ଚ ଶେଷ କରିବା ଓ ସଂପୃକ୍ତ ବିଭାଗମାନଙ୍କ ଦ୍ୱାରା ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ସଂପର୍କରେ ଆଲୋଚନା କରାଯାଇଥିଲା । ତତ୍ ସହିତ ବିଭିନ୍ନ ସମୟରେ ମାନ୍ୟବର ସାଂସଦ ଓ ମାନ୍ୟବର ବିଧାୟକମାନେ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ, ପରାମର୍ଶ ଏବଂ ପ୍ରକଳ୍ପଗୁଡ଼ିକୁ ବିଭାଗମାନେ ଅନୁଧ୍ୟାନ କରାଯାଉଛି ।

## ପି.ଏମ୍.କିଷାନରେ ...

ଏହି ଯୋଜନାରେ ସାମିଲ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସିଏମ୍ କିଷାନ ଯୋଜନା ଅଧୀନରେ ୫୧ଲକ୍ଷ ୫୪ହଜାର ହିତାଧିକାରୀଙ୍କୁ ମୋଟ ୨୯୯୧ କୋଟିରୁ ଅଧିକ ସହାୟତାରାଶି ପ୍ରଦାନ କରାଯାଇଛି, ଯେଉଁଥିରେ ୩୨୩୬ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ଚଠଙ୍ଗଏ) ର ଚାଷୀ ଏଂବ ୩୧ ହଜାର ୬୯୫ ଜଣ ସହରାଚଂଳ ଚାଷୀ ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ସିଏମ୍ କିଷାନ ଯୋଜନାର ହିତାଧିକାରୀମାନଙ୍କ ପିଲାମାନଙ୍କୁ କୃଷି ବିଦ୍ୟାନିଧି ଯୋଜନାରେ ରାଜ୍ୟ ଭିତରେ ଏବଂବାହାରେ ଥିବା ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ, ନର୍ସିଂ, ଡିପ୍ଲୋମା ଏବଂ ଆଇଟିଆଇ ଭଳି ବୃତିଗତ ଏବଂ ବୈଷୟିକ ପାଠ୍ୟକ୍ରମ ଅଧ୍ୟୟନ କରିବା ପାଇଁ ଛାତ୍ରବୃତି ପ୍ରଦାନ କରାଯାଉଛି। ଏହା ଫଳରେ ସିଏମ୍ କିଷାନ ଯୋଜନା ହିତାଧିକାରୀ ପରିବାରର ଛାତ୍ରଛାତ୍ରୀମାନେ ବିଶେଷ ଭାବେ ଉପକୃତ ହେଉଛନ୍ତି। ୨୦୨୪-୨୫ଶିକ୍ଷାବର୍ଷରେ ୧୩,୯୨୩ ଜଣ ଛାତ୍ରଛାତ୍ରୀ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ୫୩.୬୭ କୋଟି ଟଙ୍କାର ଛାତ୍ରବୃତି ସହାୟତା ପାଇଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୫ଗୁଣ ଅଧିକ ଥିଲା ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ କୃଷିବିଦ୍ୟାନିଧି ଯୋଜନାରେ ଆଜି ସୁଦ୍ଧା ୬୮ହଜାର ୯୧୫ ଛାତ୍ରଛାତ୍ରୀ ଏହି ଛାତ୍ରବୃତି ପାଇଁ ଆବେଦନ କରିଛନ୍ତି। ଏଥିପାଇଁ ସେମାନଙ୍କୁ ୨୯୦ କୋଟି ଟଙ୍କାର ଛାତ୍ରବୃତି ପ୍ରଦାନ କରାଯିବ ଯାହାକି ଏକ ସର୍ବକାଳୀନ ରେକର୍ଡ। ଆମ ସରକାର କେନ୍ଦ୍ର ସରକାରଙ୍କ ସହ ମିଶି କୃଷକମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଆମେ କେବଳ ଧାନ ଚାଷରେ ସୀମିତ ନରହି ଡାଲି ଜାତୀୟ ଫସଲ, ପନିପରିବା, ଫଳ ଏବଂ ଅର୍ଥକାରୀ ଫସଲ ଉପରେ ଧ୍ୟାନ ଦେବା ଉଚିତ। ଓଡିଶାର ମାଟି ଅତ୍ୟନ୍ତ ଉର୍ବର ଏବଂଏହାର ସଦୁପଯୋଗ କରି ଆମେ କୃଷି ରପ୍ତାନି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିବା। ଆଜିର ଦିନରେ କୃଷକ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ଉତ୍କଳ୍କୃ ଉସଙ୍ଗରକ୍ୱସ୍ୱସଲସମବଷ୍ପସକ୍ଟଭ ଉପରେ ଧ୍ୟାନ ଦିଅନ୍ତୁ।

# ମୁଖ୍ୟ ଶାସନ ସଚିବଙ୍କ ଜିଲ୍ଲାପାଳଙ୍କ ସହ ବୈଠକ




ଭୁବନେଶ୍ୱର, (ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଗତକାଲି ମଙ୍ଗଳବାର ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ନିଜ ନିଜ ବିଭାଗୀୟ କାର୍ଯ୍ୟ ସଂପର୍କିତ ଆଲୋଚନା ସମୟରେ ଉପସ୍ଥିତ ଥିଲେ । ସମସ୍ତ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ ।

ବୈଠକରେ ବିଭିନ୍ନ ବର୍ଷରେ ମଞ୍ଜୁର କରାଯାଇଥିବା ବିଧାୟକ ସ୍ଥାନୀୟ ଆଂଚଳିକ ବିକାଶ ପାଣ୍ଠି (ଏମ୍‌ଏଲଏଲାଡ୍ସ), ସାଂସଦ ଆଂଚଳିକ ବିକାଶ ପାଣ୍ଠି (ଏମ୍‌ପିଲାଡ୍ସ), "ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା" ଆଦି ଯୋଜନା ଓ କାର୍ଯ୍ୟକ୍ରମରେ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତା ପାଇଁ ହୋଇଥିବା ଅର୍ଥ ମଂଜୁର ଏବଂ କାର୍ଯ୍ୟ ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡ଼ିକୁ ସମୟ ସୀମା ମଧ୍ୟରେ ଶେଷ କରିବା, କାମ ଆରମ୍ଭ ହୋଇନଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଆରମ୍ଭ କରିବା ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଲଘୁ ଖଣିଜ ପଦାର୍ଥର ପରିଚାଳନାରେ ରହୁଥିବା ସମସ୍ୟା ଓ ସମାଧାନ ସଂପର୍କରେ ଉନ୍ନୟନ କମିଶନର ତଥା ଖଣି ବିଭାଗ ଅତିରିକ୍ତମୁଖ୍ୟ ଶାସନ ସଚିବ ଶ୍ରୀ ସିଂ ଆଲୋଚନା କରିଥିଲେ । ଜିଲ୍ଲାସ୍ତରରେ ଖଣିଜ ସଂପଦର ଚିହ୍ନଟ ଓ ପରିଚାଳନା ପାଇଁ ଜିଲ୍ଲା ସର୍ବେକ୍ଷଣ ବିବରଣୀ (ଡିଏସଆର) ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଯେଉଁ ଜିଲ୍ଲାଗୁଡ଼ିକ ପର୍ଯ୍ୟନ୍ତ ଏହା ପ୍ରଦାନ କରି ନାହାନ୍ତି, ଶୀଘ୍ର ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଭିନ୍ନ ଜିଲ୍ଲାରେ ବିମାନବନ୍ଦର, ହେଲିପୋର୍ଟ ପାଇଁ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ଓ ପ୍ରତିପୂରକ ବନୀକରଣ ବ୍ୟବସ୍ଥା ସଂପର୍କରେ କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା କରାଯାଇଥିଲା । ଏ ସଂପର୍କରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଏନବିଏସ୍ ରାଜପୁତ ଯୋଗଦେଇ ଆଲୋଚନା କରିଥିଲେ । ରାଜ୍ୟରେ ଯେଉଁ ଜିଲ୍ଲାର ଅବକାରୀ ବିଭାଗର ଜିଲ୍ଲା କାର୍ଯ୍ୟାଳୟ, ଅବକାରୀ ଷ୍ଟେସନ, ଜିଲ୍ଲା ମୋବାଇଲ ୟୁନିଟ ଓ ରେଞ୍ଜ କାର୍ଯ୍ୟାଳୟ ଆଦି ପାଇଁ ସୁବିଧା ନାହିଁ, ସେଥିପାଇଁ ଅବକାରୀ ବିଭାଗକୁ ଉପଯୁକ୍ତ ସ୍ଥାନ ଚିହ୍ନଟ ସଂପର୍କରେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଉପସ୍ଥିତ ରହି ଏ ସଂପର୍କରେ ତଥ୍ୟ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ।

ବୈଠକରେ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଗିରୀଶ ଏସ୍‌ଏନ୍ ଏବଂ ବିଭାଗର ନିର୍ଦ୍ଦେଶକ ଶ୍ରୀ ବିନୀତ ଭରଦ୍ୱାଜଙ୍କ ଉପସ୍ଥିତିରେ ମେଗା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ଅନୁଧ୍ୟାନ କରାଯାଇଥିଲା ।

# କୋଲକାତାରେ ୧୮,୭୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୋଲକାତାରେ ୧୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ, "କୋଲକାତାର ଏହି ଭୂମିରୁ ପଶ୍ଚିମବଙ୍ଗ ଓ ସମଗ୍ର ପୂର୍ବ ଭାରତ ପାଇଁ ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଉଛି।" ପ୍ରଧାନମନ୍ତ୍ରୀ କହିଥିଲେ, ଏହି କାର୍ଯ୍ୟକ୍ରମରେ ରାସ୍ତା, ରେଳ ଓ ବନ୍ଦର ଭିତ୍ତିଭୂମି ସହ ସମ୍ପୃକ୍ତ ୧୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରାଯାଇଛି। ସେ କହିଥିଲେ, ଏହି ପ୍ରକଳ୍ପଗୁଡ଼ିକ ପଶ୍ଚିମବଙ୍ଗ ଓ ସମଗ୍ର ପୂର୍ବ ଭାରତକୁ ନୂତନ ଗତି ଦେବା ସହ ବାଣିଜ୍ୟ ଓ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରି ଜୀବନକୁ ସହଜ କରିବ। ପ୍ରଧାନମନ୍ତ୍ରୀ ଖଡଗପୁର–ମୋରେଗ୍ରାମ ଏକ୍ସପ୍ରେସୱେ ସମାପ୍ତି ଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି କହିଥିଲେ। ସେ



ଏହାସହ ଦୁବରାଜପୁର ବାଇପାସ୍ ଏବଂ କଂସାବତୀ ନଦୀ ଓ ଶିଳାବତୀ ନଦୀ ଉପରେ ନିର୍ମିତ ପ୍ରମୁଖ ସେତୁଗୁଡ଼ିକ ସଂଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ଉଲ୍ଲେଖ କରିଥିଲେ। ଶେଷରେ ସେ ପଶ୍ଚିମବଙ୍ଗ ଓ ପୂର୍ବ ଭାରତର ଲୋକମାନଙ୍କୁ ଏହି ପରିବର୍ତ୍ତନକାରୀ ପ୍ରକଳ୍ପ ପାଇଁ ଅଭିନନ୍ଦନ ଜଣାଇଥିଲେ। ଭାରତୀୟ ରେଳବାଇକୁ ଆଧୁନିକୀକରଣ କରିବା ପାଇଁ ସାରା ଦେଶରେ ଏକ ଜୋରଦାର ଅଭିଯାନ ଚାଲିଛି ଏବଂ ପଶ୍ଚିମବଙ୍ଗ ଏହି ମିଶନରେ ଯେପରି ପଛରେ ନ ରହେ, ସେଥିପାଇଁ ସରକାରଙ୍କର ଦୃଢ଼ ସଂକଳ୍ପ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କେନ୍ଦ୍ର ସରକାର ପଶ୍ଚିମବଙ୍ଗରେ ରେଳବାଇ ଭିତ୍ତିଭୂମିକୁ ଦ୍ରୁତ ଗତିରେ ବିସ୍ତାର କରୁଛନ୍ତି। ଏହି ଅବସରରେ, କଲାଇକୁଣ୍ଡା - କାନିମହୁଲି ସେକ୍ସନରେ ସ୍ୱୟଂଚାଳିତ ବ୍ଲକ ସିଗନାଲିଂ ସିଷ୍ଟମକୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି। 'ଏହି ପଦକ୍ଷେପଗୁଡ଼ିକ ବ୍ୟସ୍ତବହୁଳ ରେଳ ରୁଟର କ୍ଷମତା ବୃଦ୍ଧି କରିବ, ଯାତ୍ରାକୁ ସୁରକ୍ଷିତ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ଗତି ଏବଂ ସୁବିଧା ମଧ୍ୟ ବୃଦ୍ଧି କରିବ' ।ପ୍ରଧାନମନ୍ତ୍ରୀ ଛଅଟି ଷ୍ଟେସନ, କାମାକ୍ଷାଗୁଡ଼ି , ଅନରା, ତାମଲୁକ, ହଳଦିଆ, ବାରଭୂମ ଏବଂ ସିଉରିକୁ ଅମୃତ ଭାରତ ଷ୍ଟେସନ ଭାବରେ ଉଦଘାଟନ କରିବା ସମ୍ପର୍କରେ ଘୋଷଣା କରିଥିଲେ।

# ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା ବୈଠକ ଅନୁଷ୍ଠିତ




ଝାରସୁଗୁଡ଼ା ( ନି ପ୍ର )- ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ଟ୍ୟାପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ବିଶେଷ କରି 'ବସୁଧା' ଯୋଜନାରେ ହେଲ୍ପଲାଇନ ଓ ଅଭିଯୋଗ ପ୍ରତିକାର ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ଯେଉଁ ଅଞ୍ଚଳରେ ପିଇବା ପାଣିର ସମସ୍ୟା ଦେଖାଯାଏ ସେହି ସବୁ ଅଞ୍ଚଳରେ ଟ୍ୟାଙ୍କର ଜରିଆରେ ଜଳ ଯୋଗାଣ ଓ ନୂତନ ନଳକୂପ ସ୍ଥାପନ ଉପରେ ଜିଲ୍ଲାପାଳ ଏହି ବୈଠକରେ ବିଭାଗୀୟ ଅଧିକାରୀଙ୍କୁ ବିଶେଷ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏଥିସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ ଏବଂ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ପାଣ୍ଠିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ମେଗା ପାନୀୟ ଜଳ ପ୍ରକଳ୍ପ (P1 Mega PWS) ଏବଂ ଜିଲ୍ଲାର ୪୨ଟି ଗ୍ରାମ ପଞ୍ଚାୟତରେ ବ୍ଲକ୍‌ୱାରି ଜଳ ଯୋଗାଣ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ପୂର୍ତ୍ତ ବିଭାଗ , ଗ୍ରାମ ଉନ୍ନୟନ ଏବଂ ଜାତୀୟ ରାଜପଥ କାମ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପାଇପଲାଇନଗୁଡ଼ିକର ତୁରନ୍ତ ମରାମତି କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ମେଗା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଭିନ୍ନ ବ୍ଲକ ଏବଂ ସମ୍ପୃକ୍ତ ବିଭାଗର ପଦାଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ପ୍ରଶିକ୍ଷଣ ଶିବିରରେ ଯୋଗଦେଲେ ୧୩ଟି ବିଭାଗର ୧୦୦ଜଣ ଅଧିକାରୀ




ଭୁବନେଶ୍ୱର( ନି ପ୍ର ) :ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ଅଧିକାରୀମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି।

ଓଡ଼ିଶା ସରକାରଙ୍କ ୧୩ ଟି ବିଭାଗରୁ ମୋଟ ୧୦୦ଜଣ ସରକାରୀ ଅଧିକାରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ଓଡ଼ିଆ ଲିଖନ କୌଶଳ, ଓଡ଼ିଆ ବାକ୍ୟ ଗଠନ, ଓଡ଼ିଆରେ ଚିଠା ଓ ଟିପ୍ପଣୀ ପ୍ରସ୍ତୁତ, ଓଡ଼ିଆ ଭାଷାର ପ୍ରଶାସନିକ ପ୍ରୟୋଗ ଏବଂ ଓଡ଼ିଆ ଭାଷାରେ ଆଦେଶନାମା ପ୍ରସ୍ତୁତି, ପ୍ରଶାସନିକ ଶବ୍ଦ ଚୟନ, ବନାନ ଶୁଦ୍ଧତା, ଇଂରାଜୀରୁ ଓଡ଼ିଆ ଅନୁବାଦ, କମ୍ପ୍ୟୁଟର ଓ ଓସ୍‌ୱାସ୍‌ରେ ଓଡ଼ିଆରେ ସରକାରୀ କାର୍ଯ୍ୟ ସମ୍ପାଦନ ଆଦିକୁ ନେଇ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ, ଡକ୍ଟର ବୈଷ୍ଣବ ଚରଣ ମହାନ୍ତି, ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ, ସୁରେନ୍ଦ୍ର କୁମାର ଦାଶ, ସ୍ମୃତିରଞ୍ଜନ ମିଶ୍ର, ଡକ୍ଟର ଦେବାଶିଷ ମହାପାତ୍ର ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ସମାରୋହରେ ମାନପତ୍ର ପ୍ରଦାନ କରାଯାଇଥିଲା।

ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ସ୍ମିତା ମହାନ୍ତି, ଉପ-ନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଓଡ଼ିଆ ଭାଷା ପ୍ରତିଷ୍ଠାନର ବିତ୍ତ ତଥା ପ୍ରଶାସନିକ ଅଧିକାରୀ ଡ଼. ଅନନ୍ୟା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯକୃତ ପ୍ରତିରୋପଣରେ କିମ୍‌ସର ରେକର୍ଡ

ଭୁବନେଶ୍ୱର:ଭାରତରେ ଯକୃତ ରୋଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ପାଲଟିଛି। ଲିଭର ସିରୋସିସ୍, ଯକୃତ ଠିକ୍ ଭାବେ କାମ ନ କରିବା ଓ ଯକୃତ ରୋଗର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ରୋଗୀଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି। ସେଭଳି କ୍ଷେତ୍ରରେ ଅଧିକାଂଶ ରୋଗୀଙ୍କ ପାଇଁ ଯକୃତ ପ୍ରତିରୋପଣ ଏକମାତ୍ର ବିକଳ୍ପ ଓ ଜୀବନ ରକ୍ଷାକାରୀ ଚିକିତ୍ସା ଭାବେ ଉଭା ହୋଇଛି। ଏଭଳି ପରିସ୍ଥିତିରେ ଓଡିଶାରେ ସର୍ବାଧିକ ସଂଖ୍ୟକ ସଫଳ ଯକୃତ ପ୍ରତିରୋପଣ କରି କିମ୍‌ସ ରେକର୍ଡ କରିଛି। ଦକ୍ଷ ବିଶେଷଜ୍ଞ ଓ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ସହ ଉନ୍ନତ ଯନ୍ତ୍ରପାତି ସହଯୋଗରେ କିମ୍‌ସ ସଫଳତାର ସହ ଯକୃତ ପ୍ରତିରୋପଣ କରିଚାଲିଛି ।ହାଇଦ୍ରାବାଦର ପ୍ରସିଦ୍ଧ ଏଆଇଜି ହସପିଟାଲ ସହଯୋଗରେ କିମସ ଲିଭର ଟ୍ରାନ୍ସପ୍ଲାଣ୍ଟେସନ୍ ୟୁନିଟ୍ କ୍ଲିନିକାଲ୍ ଦକ୍ଷତା, ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ପ୍ରମାଣ ଭିତ୍ତିକ ପ୍ରୋଟୋକଲଗୁଡ଼ିକୁ ସମନ୍ୱିତ କରି ସାମଗ୍ରିକ ଏବଂ ରୋଗୀ-କୈନ୍ଦ୍ରିକ ସେବା ପ୍ରଦାନ କରିଥାଏ। ଫଳରେ ଓଡିଶା ଓ ପଡୋଶୀ ରାଜ୍ୟର ରୋଗୀମାନେ ଦୂରଦୂରାନ୍ତକୁ ନଯାଇ ଅତି ନିକଟରେ ଉନ୍ନତ ସେବା ପାଇ ପାରୁଛନ୍ତି।

ଏ ନେଇ ବରିଷ୍ଠ ସର୍ଜନ ଡା ସତ୍ୟ ପ୍ରକାଶ ରାୟ ଚୌଧୁରୀ ସୂଚନା ଦେଇଛନ୍ତି, ଯକୃତ ପ୍ରତିରୋପଣ କ୍ଷେତ୍ରରେ ଓଡିଶାରେ ଏକ ଅଗ୍ରଣୀ ଅନୁଷ୍ଠାନରେ ପରିଣତ ହୋଇଛି କିମ୍‌ସ। କିମ୍‌ସରେ ସର୍ବାଧିକ ଯକୃତ ପ୍ରତିରୋପଣ ସହ ଓଡିଶାର ପ୍ରଥମ କାଡାଭେରିକ୍ ଯକୃତ ପ୍ରତିରୋପଣ, ପ୍ରଥମ ଶିଶୁ ଯକୃତ ପ୍ରତିରୋପଣ ଓ ପ୍ରଥମ ଲାପାରୋସ୍କପିକ୍ ଡୋନର ହେପାଟେକ୍ଟୋମି ସମେତ କିମ୍‌ସ ଅନେକ ପ୍ରଥମ ସଫଳତା ହାସଲ କରିଥିବା ଡା. ରାୟ ପ୍ରକାଶ କରିଛନ୍ତି ।ଏହି ସଫଳତାଗୁଡିକ କେବଳ ଶଲ୍ୟ ଚିକିତ୍ସାର ଉତ୍କର୍ଷତାକୁ ପ୍ରତିଫଳିତ କରେ ନାହିଁ ବରଂ ନବସର୍ଜନା, ଅଙ୍ଗଦାତା ସୁରକ୍ଷା ଏବଂ ନୀତିଗତ ପ୍ରତିରୋପଣ ଅନୁଶୀଳନ ପ୍ରତି ମଧ୍ୟ ପ୍ରତିଫଳିତ କରେ। ପୂର୍ବରୁ ଉନ୍ନତ ଯକୃତ ପ୍ରତିରୋପଣ ଦିଲ୍ଲୀ, ମୁମ୍ବାଇ ଆଦି ସହରକୁ ଯିବାକୁ ପଡୁଥିଲା। ଏବେ କିମ୍‌ସରେ ଉନ୍ନତ ଯନ୍ତ୍ରପାତି ସୁବିଧା, ଅନୁଭୂତି ସମ୍ପନ୍ନ ଦକ୍ଷ ବିଶେଷଜ୍ଞ ଓ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ପାଇଁ କିମ୍‌ସରେ ସଫଳ ଯକୃତ ପ୍ରତିରୋପଣ ହୋଇପାରୁଛି। ଏଥିରେ ଲିଭର ସିରୋସିସ୍, ଲିଭର ଫେଲ୍ୟୁଅର ଓ ଲିଭର କର୍କଟ ସମେତ ଜଟିଳ ଯକୃତ ରୋଗରେ ପୀଡିତ ରୋଗୀଙ୍କ ପାଇଁ ଉନ୍ନତ ସେବା ଯୋଗାଇ ଦିଆଯାଇପାରୁଛି ।ଏହି ପ୍ରକ୍ରିୟାରେ ଯକୃତର ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଓ ଚିକିତ୍ସାଠାରୁ ଆରମ୍ଭ କରି ଉନ୍ନତ ଶଲ୍ୟଚିକିତ୍ସା ତଥା ପ୍ରତିରୋପଣ ପରବର୍ତ୍ତୀ ଦୀର୍ଘ କାଳୀନ ଯତ୍ନ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। କିମ୍‌ସ ଯକୃତ ପ୍ରତିରୋପଣ ଦଳରେ ଅଭିଜ୍ଞ ହେପାଟୋଲୋଜିଷ୍ଟ, ପ୍ରତିରୋପଣ ସର୍ଜନ, ଆନାସ୍ଥାସିଓଲୋଜିଷ୍ଟ, ଇଣ୍ଟେନ୍‌ସିଭିଷ୍ଟ, ରେଡିଓଲୋଜିଷ୍ଟ, ପାଥୋଲୋଜିଷ୍ଟ, ପ୍ରତିରୋପଣ ସଂଯୋଜକ ଓ ଉତ୍ସର୍ଗୀକୃତ ନର୍ସିଂ କର୍ମଚାରୀ ଅଛନ୍ତି।

# ଡକ୍ଟର ମାୟାଧରମାନସିଂଙ୍କୁ ଅଣଦେଖା କରିବା ଏବଂ ନନ୍ଦଳା ଗ୍ରାମକୁ ଅଣଦେଖା କରିବା ସରକାରଙ୍କ ସଂକୀର୍ଣ୍ଣ ମନୋଭାବକୁ ଦର୍ଶାଉଛି: ବିଜେଡି

ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓଡ଼ିଶାର ୨୫ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗ୍ରାମକୁ ଐତିହ୍ୟ ଗ୍ରାମ ଭାବରେ ଘୋଷଣା କରିଛି। କିନ୍ତୁ, କବି ପଦ୍ମଶ୍ରୀ ଡକ୍ଟର ମାୟାଧରମାନସିଂଙ୍କ ଜନ୍ମସ୍ଥାନ ନନ୍ଦଳା ଗ୍ରାମକୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ବିଜୁ ଜନତା ଦଳ (ବିଜେଡି)ର ଉପାଧ୍ୟକ୍ଷ ଶ୍ରୀ ସଂଜୟ କୁମାର ଦାସ ବର୍ମା ସରକାରଙ୍କ ଏହି ପକ୍ଷପାତିତାପୂର୍ଣ୍ଣ ମନୋଭାବର କଡ଼ା ସମାଲୋଚନା କରିଛନ୍ତି। ଏକ ପ୍ରେସ୍ ବିବୃତ୍ତିରେ ଶ୍ରୀ ସଂଜୟ କୁମାର ଦାସ ବର୍ମା କହିଛନ୍ତି ଯେ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକରେ ଅବସ୍ଥିତ ନନ୍ଦଳା ଗ୍ରାମ ଆଧୁନିକ ଓଡ଼ିଆ କବିତାର ଏକ ଜନ୍ମସ୍ଥାନ। ତାଙ୍କ କବିତା ମାଧ୍ୟମରେ ଡକ୍ଟର ମାନସିଂହ ପ୍ରେମ, ମାନବବାଦ ଏବଂ ସୌନ୍ଦର୍ଯ୍ୟର ଏକ ନୂତନ ସାହିତ୍ୟିକ ଦିଗ ସୃଷ୍ଟି କରିଥିଲେ, ଯାହା ତାଙ୍କ କୃତି କୋଣାର୍କ ଦ୍ୱାରା ପ୍ରତୀକିତ। ନନ୍ଦଳା ଗ୍ରାମ ଏହି ସାହିତ୍ୟିକ ସୃଷ୍ଟିର ଏକ ନୀରବ ସାକ୍ଷୀ ଭାବରେ ଠିଆ ହୋଇଛି ଏବଂ ଏହାକୁ ସାହିତ୍ୟର ଏକ ଆଧୁନିକ ତୀର୍ଥସ୍ଥଳ ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ। ଡକ୍ଟର ମାନସିଂହ ଧୂପ, ସାଧବଝିଅ, ହେମଶସ୍ୟ, ପଲ୍ଲୀ ସନ୍ଧ୍ୟା, ମହାନଦୀରେ ଜ୍ୟୋସ୍ନା ବିହାର, ଦହନସୁଖା, ରୂପଦେବତା, କୋଣାର୍କ, ଉପେକ୍ଷିତ, ନିକ୍ୱାନା, ଶୁଭଦୃଷ୍ଟି, ଜେମା, କମଳାୟନ ଏବଂ ଦୂରେରୋହା ଭଳି ଅନେକ କାଳଜୟୀ କାବ୍ୟିକ କୃତିର ସ୍ରଷ୍ଟା। ସେ ପ୍ରଥମ ସମ୍ପୂର୍ଣ୍ଣ 'ଓଡ଼ିଆ ସାହିତ୍ୟର ଇତିହାସ' ରଚୟିତା ମଧ୍ୟ ଥିଲେ। ଶ୍ରୀ ଦାସ ବର୍ମା ପ୍ରଶ୍ନ କରିଥିଲେ ଯେ ବର୍ତ୍ତମାନର ସରକାର ଏପରି ଜଣେ ବିଶିଷ୍ଟ ସାହିତ୍ୟିକଙ୍କ ପ୍ରତି ଏପରି ସାବତମାତୃ ମନୋଭାବ କାହିଁକି ଦେଖାଉଛି। ସେ ଆହୁରି କହିଛନ୍ତି ଯେ ସାଂସ୍କୃତିକ ଏବଂ ସାହିତ୍ୟିକ ବିବିଧତାରେ ସମୃଦ୍ଧ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀକୁ ବର୍ତ୍ତମାନର ସରକାର ଏବଂ ଏହାର ପ୍ରତିନିଧିମାନେ ବାରମ୍ବାର ଅବହେଳା କରିଆସୁଛନ୍ତି। ତଥାକଥିତ 'ଡବଲ ଇଞ୍ଜିନ୍ ସରକାର', ଯେଉଁମାନେ ଓଡିଆ ପରିଚୟକୁ ବଜାୟ ରଖିବାର ଦାବି କରନ୍ତି, ସେମାନେ ଓଡିଆ ସାଂସ୍କୃତିକ ପରିଚୟର ପ୍ରମୁଖ ପ୍ରତୀକ ଡକ୍ଟର ମାନସିଂହଙ୍କ ଗ୍ରାମକୁ ଅଣଦେଖା କରୁଛନ୍ତି। ତେଣୁ, ବିଜୁ ଜନତା ଦଳ ଦାବି କରୁଛି ଯେ ସରକାର ତୁରନ୍ତ ନନ୍ଦଳା ଗ୍ରାମକୁ ଐତିହ୍ୟ ଗ୍ରାମ ତାଲିକାରେ ଅନ୍ତର୍ଭୁକ୍ତ କରନ୍ତୁ।

# ବ୍ରଜରାଜନଗର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ




ବ୍ରଜରାଜନଗର, (ସ୍ୱ.ପ୍ର): ବ୍ରଜରାଜନଗର ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ପ୍ରଥମ ବ୍ରଜରାଜନଗର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦଯାପିତ ହୋଇଛି। ବ୍ରଜରାଜନଗର ବ୍ୟାଡ଼ମିଣ୍ଟନ କ୍ଲବ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୫ରୁ ଅଧିକ ଦଳ ଯୋଗ ଦେଇଥିଲେ। ଡବଲ୍ସର ୪୦ ବର୍ଷରୁ ଅଧିକ ବର୍ଷ ବର୍ଗରେ ଫାଇନାଲରେ ସମ୍ବଲପୁରର ସୌରଭ ଭୂୟାଁ ଓ ଏମ୍‌ଡି ଆକବର ବିଜେତା ଏବଂ ଉପବିଜେତା ପ୍ରଶାନ୍ତ ବେହେରା ଓ ତେଜ ବାହାଦୁର ହୋଇଥିଲେ। ସେହିପରି ଡବଲ୍ସରେ ୫୫ବର୍ଷରୁ ଅଧିକ ବର୍ଷ ବର୍ଗରେ ବିଜେତା ରବିନ ଷଡ଼ଙ୍ଗୀ ଓ ରାଜୀବ ଦତ୍ତ ଏବଂ ଉପବିଜେତା ବୁର୍ଲାର ରତନ କଥକ ଓ ଜୟନ୍ତ ମିଶ୍ର ହୋଇଥିଲେ। ମିକ୍ସ ଡବଲ୍ସରେ ବିଜେତା ବିବେକ ଓ ଅଙ୍ଗା ଓମଶ୍ରୀ ଏବଂ ଉପବିଜେତା ଆରୟନ ମିଶ୍ର ଓ ଆକାନଶା ବେହେରା। ଓପନରେ ବିଜେତା ଭୁବନେଶ୍ୱରର ତନ୍ମୟ ସାହୁ ଓ ଅଭିଜିତ ମହାରଣା ଏବଂ ଉପବିଜେତା ବଲାଙ୍ଗୀରର ଏମ୍ ନାୟକ ଓ ପ୍ରାରିକ ସିଂଦେବ ହୋଇଥିଲେ। ଜୟନ୍ତ ମିଶ୍ର ଓ ସଂସ୍କାର ଛେତ୍ରି ଖେଳ ପରିଚାଳନା କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ବ୍ରଜରାଜନଗର ପୌରାଧ୍ୟକ୍ଷ ଗୋପାଳ ସୀତାନି ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡ଼ା ସମ୍ପାଦକ ଏ. ମିଶ୍ର ଓ ରାଧେଶ୍ୟାମ ପ୍ରଧାନ ଯୋଗ ଦେଇଥିଲେ । ବ୍ରଜରାଜନଗର ବ୍ୟାଡ୍‌ମିଣ୍ଟନ କ୍ଲବ ସଭାପତି ରବିନ ଷଡ଼ଙ୍ଗୀ – କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କ୍ଷୀରୋଦ ରାଉତ, ଓ ବସନ୍ତ ସାହୁ, ରାଜୀବ ଦତ୍ତ, ଅରବିନ୍ଦ ମହାନ୍ତି, ସୂରଜ ବେହେରା, ଚନ୍ଦନ ପ୍ରଧାନ, ରଞ୍ଜନ ରାୟ, କ୍ଷୀତିଶ ନାୟକ, ପ୍ରିୟମ ଦେବ, ନ ଅରବିନ୍ଦ ବିଶି, ପିୟୁଷ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

# କୋଲାବିରାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ଝାରସୁଗୁଡ଼ା ( ନି ପ୍ର )- ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ କୋଲାବିରା ପଂଚ୍ାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଉପଜିଲ୍ଲାପାଳ ସବ୍ୟସାଚ଼ୀ ପଣ୍ଡା ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଓ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୪୨ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୩ ଟି ସାମୂହିକ ବା ଗୋଷ୍ଠୀଗତ ସମସ୍ୟା ଥିଲା ଏବଂ ୨୯ ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ଜଣେ ଅସହାୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ତତ୍କାଳ ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ପଞ୍ଚାୟତର ଜ୍ୱଳନ୍ତ ସମସ୍ୟା ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମାସିଂହା ପଞ୍ଚାୟତରୁ ସମବାୟ ସମିତିରେ ଧାନ କିଣା ବନ୍ଦ ହେବା ଏବଂ ନିଜସ୍ୱ ଗୃହଜମି ଅନ୍ୟ ଲୋକଙ୍କ ନାମରେ ଦଖଲନୋଟ ଚ଼ଢ଼ିବା ସମ୍ବନ୍ଧରେ ଅଭିଯୋଗ ଆସିଥିବା ବେଳେ ରଘୁନାଥପାଲି ଅଞ୍ଚଳରୁ ଜମିର ରୟତି ପରିବର୍ତ୍ତନ, ଧାନ ବିକ୍ରୟ କାର୍ଡ ଜାଲିଆତି ଏବଂ ଟୋକନ ଥାଇ ମଧ୍ୟ ଧାନ ବିକ୍ରୟରେ ହେଉଥିବା ଅସୁବିଧା ନେଇ ଦାବି ହୋଇଥିଲା। ସେହିପରି ଚ଼ନ୍ଦନିମାଲ ଅଞ୍ଚଳରେ ଲକ୍ଷ୍ମୀ ବସ୍ ଚ଼ଳାଚ଼ଳ କରିବା ଏବଂ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟର ମରାମତି କାର୍ଯ୍ୟରେ ହେଉଥିବା ଅନିୟମିତତା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହିତ ସୋଢାମାଲ ଅଞ୍ଚଳରେ ସରକାରୀ ଜମିକୁ ନିଜସ୍ୱ ନାମରେ ରେକର୍ଡଭୁକ୍ତ କରିବା, ତରେଇକେଲା ଛକରେ ଏକ ମାର୍କେଟ କଂପ୍ଲେକ୍ସ ନିର୍ମାଣ, ପୋଖରାସାହ୍ଲେରେ ପୋଖରୀର ପଙ୍କ ଉଦ୍ଧାର ସହ ଜଳ ନିଷ୍କାସନ ଓ ଗାଧୁଆ ପାହାଚ଼ ନିର୍ମାଣ ପରି ପ୍ରସ୍ତାବ ଉପରେ ଆଲୋଚ଼ନା ହୋଇଥିଲା। ଅନ୍ୟପକ୍ଷରେ ଧୂବେନବୁଡ ଅଞ୍ଚଳରେ ଜମି ଜବରଦଖଲ ଏବଂ ପଣ୍ଡକିମାଲରେ ବର୍ଦ୍ଧିତ ବିଦ୍ୟୁତ ବିଲ୍ କୋହଲ କରିବା ପାଇଁ ଲୋକେ ନିବେଦନ କରିଥିଲେ। ଜିଲ୍ଲାପାଳ ଏହି ସମସ୍ତ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ବାଚ଼ସ୍ପତି ସୁରମା ପାଢ଼ୀ ଓ ଉପବାଚ଼ସ୍ପତି ଭବାନୀଶଙ୍କର ଭୋଇଙ୍କ ସହ ବିଧାନସଭା ପରିଭ୍ରମଣରେ ଆସିଥିବା ଓଡିଶା ଅର୍ଥ ସେବାର ନବ ନିଯୁକ୍ତ ଅଧିକାରୀ

# ଜେକେ କାଗଜ କଳର ୫୫ ତମ ରାଷ୍ଟ୍ରୀୟ ସୁରକ୍ଷା ଦିବସ ପାଳନ

ରାୟଗଡ଼ା: ଜେକେ କାଗଜ କଳ ପରିସରରେ ୫୫ ତମ ରାଷ୍ଟ୍ରୀୟ ସୁରକ୍ଷା ଦିବସ ଓ ସପ୍ତାହ ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ବିଶ୍ୱଜିତ ଦ୍ୱିବେଦୀ, ଉପସଭାପତି (ବାଣିଜ୍ୟ ) ଓ ସମ୍ମାନିତ ଅତିଥି ଭାବେ ସନ୍ଦୀପ ପାଣ୍ଡେ, ମହାପ୍ରବନ୍ଧକ (ମାନବ ସମ୍ବଳ ଓ ଶିଳ୍ପ ସମ୍ବନ୍ଧୀୟ ) ଯୋଗଦାନ କରିଥିଲେ। ସର୍ବ ପ୍ରଥମେ ମୁଖ୍ୟ ଅତିଥି ସେଫ୍ଟି ଫ୍ଲାଗ୍ ଉତ୍ତୋଳନ କରିଥିଲେ ଓ ସେଠାରେ ଉପସ୍ଥିତ ଥିବା କର୍ମଚ଼ାରୀ ମାନଙ୍କୁ ସୁରକ୍ଷା ଶପଥ ପାଠ କରାଇ ଥିଲେ।

ଜେକେ କାଗଜ କଳ କିପରି ଉତ୍ପାଦନ ଅପେକ୍ଷା ସୁରକ୍ଷା କୁ ପ୍ରାଧାନ୍ୟ ଦିଏ ତାହା ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଶ୍ରୀ ପାଣ୍ଡେ ତାଙ୍କ ବକ୍ତବ୍ୟ ରେ ସୁରକ୍ଷା ସମସ୍ତଙ୍କ ପାଇଁ କେତେ ଜରୁରୀ, ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଚ଼ଳିତ ବର୍ଷ ର ସୁରକ୍ଷା ପ୍ରସଙ୍ଗ ‘ ଉନ୍ନତ ସୁରକ୍ଷା ନିମନ୍ତେ କର୍ମଚ଼ାରୀ ଙ୍କୁ ସଂଲଗ୍ନ, ଶିକ୍ଷିତ ଏବଂ ସଶକ୍ତ ‘ କରିବା କୁ ଗୁରୁତ୍ୱ ଦେଇଥିଲେ। କର୍ମଚ଼ାରୀ ମାନେ ସୁରକ୍ଷା ଉପରେ ପର୍ଯ୍ୟବେଶିତ ସ୍ୱରଚ଼ିତ କବିତା ପାଠ କରିଥିଲେ। ଏହି ସୁରକ୍ଷା ସପ୍ତାହ ରେ ବିଭିନ୍ ପ୍ରକାର ର ସୁରକ୍ଷା ପ୍ରତିଯୋଗିତା ଯଥା ରଚ଼ନା, କୁଇଜ, ପୋଷ୍ଟର ଅଙ୍କନ, ସ୍ଲୋଗାନ ଓ ସଚେତନତା କର୍ମଶାଳା ର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ କୁ ମହାପ୍ରବନ୍ଧକ (ଇ ଏଚ୍ ଏସ୍ ) ସତ୍ୟଜିତ ମହାନ୍ତି ଉଦ୍ଘାଟନ ଭାଷଣ ଦେଇ ସଭା କାର୍ଯ୍ୟ ପରିଚ଼ାଳନା କରିଥିଲେ । ବିଗତ ଦିନରେ ଜେ କେ କାଗଜ କଳ ରେ ଥିବା ଉତ୍କୃଷ୍ଟ ସୁରକ୍ଷା ବ୍ୟବସ୍ଥା ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଯୋଗୁଁ, ଶ୍ରୀ ମହାନ୍ତି କର୍ମଚ଼ାରୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ବରିଷ୍ଠ ପ୍ରବନ୍ଧକ ରମାରଞ୍ଜନ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

ଏହି କାର୍ଯ୍ୟକ୍ରମ କୁ ପରିଚ଼ାଳନା କରିବରେ ଅରୁଣ ଦାସ, ଉପ ପ୍ରବନ୍ଧକ (ସୁରକ୍ଷା), ଅମିତ୍ ପଟ୍ଟନାୟକ, ସହ ପ୍ରବନ୍ଧକ (ସୁରକ୍ଷା) ହର୍ଷରାଜ ସାହୁ, ଅଫିସର କାର୍ଯ୍ୟକ୍ରମ ପରିଚ଼ାଳନା ରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଗଜ କଳ ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଗଣ ଉପସ୍ଥିତ ଥିଲେ।

# ୭୫ତମ ରାଜ୍ୟ ପୋଲିସ ହକି ଚ଼ମ୍ପିୟାନସିପ ଉଦଘାଟିତ




ରାଉରକେଲା ( ସ୍ୱ ପ୍ର )- ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ୭୫ତମ ରାଜ୍ୟ ପୋଲିସ ହକି ଚ଼ାମ୍ପିୟନସିପ୍ – ୨୦୨୬ ଶୁଭାରମ୍ଭ ହୋଇଯାଇଛି। ଡିଆଇଜି (ପଶ୍ଚିମାଞ୍ଚଳ) ବ୍ରଜେଶ ରାୟ ଏହି ଚ଼ାମ୍ପିୟାନସିପରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି ଚ଼ାମ୍ପିୟାନସିପରେ ସାରା ରାଜ୍ୟରେ ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୧୪ ଟି ପୋଲିସ ଟିମ ଅଂଶ ଗ୍ରହଣ କରିଥିବା ବେଳେ ସମୁଦାୟ ୩୨୦ ଜଣ ଖେଳାଳି ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚ଼ାଲିବ।

ଏହି ଚ଼ାମ୍ପିୟାନସିପର ଉଦଘାଟନୀ ସମାରୋହରେ ରତନ କୁମାର, ଡିଆଇଜି, ସିଆଇଏସଏଫ୍, ନିତେଶ ଓ୍ୱାଧୱାନୀ , ଏସ୍‌ପି ରାଉରକେଲା, ଶ୍ରୀମତୀ ଅମୃତପାଲ କୌର, ଏସ୍‌ପି, ସୁନ୍ଦରଗଡ଼, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡା ଅଧିକାରୀ ନୀଳ ମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଆଶୁତୋଷ ରଥ ହେଲେ ନାଲ୍‌କୋର ମାନବ ସମ୍ବଳ ଇଡି



ଭୁବନେଶ୍ୱର: ନ୍ୟାସନାଲ୍ ଆଲୁମିନିୟମ କମ୍ପାନି ଲିମିଟେଡ୍ (ନାଲ୍‌କୋ)ର ମୁଖ୍ୟ ମହାପ୍ରବନ୍ଧକ (ମାନବ ସମ୍ବଳ) ଆଶୁତୋଷ ରଥଙ୍କୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ମାନବ ସମ୍ବଳ) ଭାବେ ପଦୋନ୍ନତି ମିଳିଛି। ଏହା ପୂର୍ବରୁ ସେ ଇଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସେ ପ୍ରତିଭା ପରିଚ଼ାଳନା, ସାଂଗଠନିକ ବିକାଶ, କର୍ମଚ଼ାରୀଙ୍କ ସହଭାଗିତା ଓ ନୀତି ପ୍ରଣୟନ ଭଳି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି । ତାଙ୍କ ନେତୃତ୍ୱରେ ନାଲ୍‌କୋ କର୍ମଚ଼ାରୀମାନଙ୍କ କାର୍ଯ୍ୟଦକ୍ଷତା ଓ ମନୋବଳ ବଢ଼ିଛି ଏବଂ ରଣନୈତିକ ମାନବ ସମ୍ବଳ ପଦକ୍ଷେପଗୁଡ଼ିକ ତ୍ୱରାନ୍ୱିତ ହୋଇପାରିଛି । ଆଗାମୀ ଦିନରେ ସେ କମ୍ପାନିର ମାନବ ସମ୍ବଳ ବିଭାଗକୁ ଆହୁରି ସୁଦୃଢ଼ କରିବା ସହ ସଂଗଠନର ଉଚ୍ଚ଼ କାର୍ଯ୍ୟଦକ୍ଷତା ଓ ପ୍ରଗତିଶୀଳ ସଂସ୍କୃତିକୁ ବଜାୟ ରଖିବା ନିମନ୍ତେ ଆଶାବାଦୀ ବୋଲି କହିଛନ୍ତି।

# ବରିଷ୍ଠ ନାଗରିକଙ୍କୁ ଜଗିବେ ପୁଲିସ୍

ଭୁବନେଶ୍ୱର: ପିତାମାତାଙ୍କୁ ଅବହେଳା ପ୍ରସଙ୍ଗରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ବିଶେଷ କରି ବୃଦ୍ଧ ପିତାମାତାଙ୍କୁ ଅବହେଳା ପ୍ରସଙ୍ଗକୁ ନେଇ ଆଗତ ଏକ ମାମଲାରେ ଏପରିସ୍ଥଳେ ବରିଷ୍ଠ ନାଗରିକ ପୁଲି ସୁରକ୍ଷାରେ ରହିବେ ବୋଲି ଆଦେଶ ଦେଇଛନ୍ତି। ରାଉରକେଲା ଥାନା ଅଞ୍ଚଳର ଦୁଇ ଜଣ ବରିଷ୍ଠ ନାଗରିକଙ୍କ ତରଫରୁ ଦାୟର ଆଗତ ଏକ ଆବେଦନର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ଆଦେଶ ପ୍ରଦାନ କରିଛନ୍ତି । ପୁଅ ଏବଂ ବୋହୂଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ବରିଷ୍ଠ ନାଗରିକଙ୍କ ପ୍ରତି ପୁଲିସର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇକୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ଶୁଣାଣି ବେଳେ ହାଇକୋର୍ଟ ଦର୍ଶାଇଛନ୍ତି ଯେ, ମାତା-ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଅଧିନିୟମ, ୨୦୦୭ ଓ ରାଜ୍ୟରେ ପ୍ରଣୟନ ହୋଇଥିବା ଏ ସଂପର୍କିତ ୨୦୦୯ର ନିୟମାବଳୀ ଅନୁସାରେ ନିଜ କାର୍ଯ୍ୟ ପରିସର ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକଙ୍କ ମଙ୍ଗଳ ସୁନିଶ୍ଚିତ କରିବା ଜିଲ୍ଲା ଏସ୍‌ପିଙ୍କ ଦାୟିତ୍ୱ । ହାଇକୋର୍ଟ କହିଛନ୍ତି ଯେ, ବୟସ୍କ ବାପା-ମା’ଙ୍କ ସୁରକ୍ଷା ପାଇଁ ଲଢ଼ିବ ଓଡ଼ିଶା ପୋଲିସ୍ । ବିଶେଷ କରି ବରିଷ୍ଠ ନାଗରିକଙ୍କ ଭରଣପୋଷଣ ପାଇଁ ବି ପୁଲିସ୍ ଦାୟିତ୍ୱବାନ ରହିବା ଉଚିତ୍।

# ଆସନ୍ତା ୨୬ ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ଝାରସୁଗୁଡ଼ା ( ନି ପ୍ର )-ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ସଂଯୁକ୍ତ ତତ୍ତ୍ୱାବଧାନରେ ଏକ ବିଶାଳ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହେବାକୁ ଯାଉଛି। ଜିଲ୍ଲାର ଯୁବକ ଓ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ଜୀବିକା ଯୋଗାଇଦେବା ଲକ୍ଷ୍ୟରେ ଏହି ମେଗା ନିଯୁକ୍ତି ଅଭିଯାନ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରତିଷ୍ଠିତ ଘରୋଇ ଶିଳ୍ପ ସଂସ୍ଥା ଓ କମ୍ପାନୀମାନେ ଅଂଶଗ୍ରହଣ କରି ପ୍ରାର୍ଥୀମାନଙ୍କୁ ଚ଼ୟନ କରିବେ। ବିଶେଷ ସୂଚ଼ନା ଅନୁଯାୟୀ, ଚ଼ୟନ ପ୍ରକ୍ରିୟାରେ କେତେକ ସଂସ୍ଥା ଯୋଗ୍ୟ ପ୍ରାର୍ଥୀଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରୁଥିବା ବେଳେ ଅନ୍ୟ କେତେକ ସଂସ୍ଥା ପ୍ରଥମେ ନିଯୁକ୍ତି ଭିତ୍ତିକ ବୈଷୟିକ ତାଲିମ ପ୍ରଦାନ କରିବା ପରେ ନିୟୋଜିତ କରିବାର ବ୍ୟବସ୍ଥା ରହିଛି।

ଏହି ନିଯୁକ୍ତି ମେଳାରେ ସାମିଲ ହେବା ପାଇଁ ଶିକ୍ଷାଗତ ଯୋଗ୍ୟତା ଅତି କମରେ ଅଷ୍ଟମ ଶ୍ରେଣୀ ପାସ୍ ରୁ ଆରମ୍ଭ କରି ଦଶମ, +୨, +୩ (ସ୍ନାତକ), ଆଇ.ଟି.ଆଇ , ଡିପ୍ଲୋମା ଏବଂ ବି.ଟେକ୍ ପର୍ଯ୍ୟନ୍ତ ରଖାଯାଇଛି ।ଆବେଦନକାରୀଙ୍କ ବୟସ ସୀମା ୧୮ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଅନିର୍ବାର୍ଯ୍ୟ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମସ୍ତ ଆଗ୍ରହୀ ପ୍ରାର୍ଥୀମାନେ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଏବଂ ସଦ୍ୟ ଅପଡେଟ୍ ହୋଇଥିବା ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ସହିତ ଆସନ୍ତା ୨୬ ତାରିଖ ଦିନ ସକାଳ ୧୦ଟାରୁ ଅପରାହ୍ନ ୪ଟା ମଧ୍ୟରେ ବେହେରାମାଲ ସ୍ଥିତ ଏମ୍. ସି. ଏଲ୍ ପ୍ରେକ୍ଷାଳୟଠାରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ତରଫରୁ ସୂଚ଼ନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାର ନିଯୁକ୍ତି ଅଭିଳାଷୀ ଯୁବକଯୁବତୀଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହୋଇଥିବାରୁ, ଏହାର ସଦୁପଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ ଭାବେ ଅନୁରୋଧ କରାଯାଇଛି।

# ନବ ଦାସ ପାର୍କ ଓ ଶ୍ରମିକ ଆଶ୍ରୟ ସ୍ଥଳ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା ( ନି ପ୍ର )-ସହରର ଭିତ୍ତିଭୂମି ବିକାଶ ଓ ନାଗରିକ ସୁବିଧା ସୁଯୋଗର ସମୀକ୍ଷା କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣ ନବ ଦାସ ପାର୍କ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗତ ୨୧ ତାରିଖ ପରିଦର୍ଶନ କରିଥିଲେ । ଗସ୍ତ ସମୟରେ ଜିଲ୍ଲାପାଳ ପାର୍କ ସମ୍ମୁଖରେ ଥିବା ପରିତ୍ୟକ୍ତ ଶ୍ରମିକ ଆଶ୍ରୟ ସ୍ଥଳର ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ତୁରନ୍ତ ନବୀକରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଭବନକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରି ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବା ନିମନ୍ତେ ସମସ୍ତ ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହା ସହିତ ଜିଲ୍ଲାପାଳ ନବ ଦାସ ପାର୍କ ପରିସର ବୁଲି ଦେଖିବା ସହ ସେଠାରେ ଉପଲବ୍ଧ ଥିବା ବିଭିନ୍ନ ଆନୁଷଙ୍ଗିକ ସୁବିଧା ସୁଯୋଗର ଯାଞ୍ଚ କରିଥିଲେ। ପାର୍କ ମଧ୍ୟରେ ଥିବା ଅଚ଼ଳ ଫୁଆରା ଏବଂ ଶିଶୁ ରେଳଗାଡ଼ିର ସ୍ଥିତିକୁ ଦେଖି ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ଏହାର ମରାମତି କରି ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଓଡ଼ିଶା ଭବନ’ ନୂତନ କୋଠାର ଶିଳାନ୍ୟାସ




ନୂଆଦିଲ୍ଲୀ: ନୂଆଦିଲ୍ଲୀର ଚ଼ାଣକ୍ୟପୁରୀଠାରେ ନୂତନ ଓଡ଼ିଶା ଭବନର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂତନ ଭବନର ନିର୍ମାଣଶୈଳୀରେ ଓଡିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ।

ସୂଚ଼ନାଯୋଗ୍ୟ, ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ୍ ଫ୍ଲୋର୍ ସହିତ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି ସୁଇଟ୍ ବ୍ୟବସ୍ଥା କରାଯିବ। ପ୍ରଥମ ମହଲାରେ ଏକ ଏକ୍‌ଜିବିସନ୍ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ମୋଟ ୯୩.୨୭ କୋଟି ଟଙ୍କା ବ୍ୟୟ ହେବ। ନୂଆଦିଲ୍ଲୀ ସହିତ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ଓଡିଶା ଭବନ ନିର୍ମାଣ ହେବ। ଏଥିପାଇଁ ସଂପୃକ୍ତ ରାଜ୍ୟମାନଙ୍କୁ ଜମି ମଗାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକାତା, ଚେନ୍ନାଇ ଓ ମୁମ୍ବାଇରେ ଓଡିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି । ଏହି ସବୁ ଭବନ ଓ ସଦନଗୁଡିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ୍ ସୃଷ୍ଟି କରାଯିବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜରୁରି କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ପାଖରେ ଏକ ଜନଆଶ୍ରୟ ଭବନ ନିର୍ମାଣ କରାଯିବ, ଯେଉଁଥିରେ କି ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ତିନି ଦିନର ରହଣି ବ୍ୟବସ୍ଥା କରାଯିବ। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍, ଓଡିଶାର ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚ଼ିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ

# ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଉଦ୍ୟୋଗି ଭାବେ ଗଢ଼ି ତୋଳିବାକୁ ପ୍ରାଥମିକତା



ଭୁବନେଶ୍ୱର( ସ୍ୱ ପ୍ର): ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗର ସମସ୍ତ ଶାଖାର କାର୍ଯ୍ୟକଳାପ ଓ ଜିଲ୍ଲାଭିତ୍ତିକ ପ୍ରଗତି ଉପରେ ସମୀକ୍ଷା କରାଯାଇଛି ।

ଉପମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର କାର୍ଯ୍ୟକଳାପ ଉପରେ ସମୀକ୍ଷା କରିଛନ୍ତି। ଚ଼ଳିତ ଆର୍ଥିକ ବର୍ଷର ସଫଳତା, ବିଭିନ୍ନ ଯୋଜନାର ପ୍ରଗତି, ବ୍ୟାଙ୍କ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ, ମହିଳାମାନଙ୍କୁ ଉଦ୍ୟୋଗପତି ଭାବେ ଗଢି ସେମାନଙ୍କ ଆୟବୃଦ୍ଧି କରିବା ସମ୍ପର୍କିତ ପଦକ୍ଷେପଗୁଡ଼ିକୁ ସେ ପର୍ଯ୍ୟବେକ୍ଷଣ କରିଛନ୍ତି ।

ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ମିଶନ ଶକ୍ତି ବିଭାଗ ମାଧ୍ୟମରେ ଓଡ଼ିଶାର ଲକ୍ଷାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡ଼ି ଆର୍ଥିକ, ସାମାଜିକ ଓ ଡିଜିଟାଲ ଭାବେ ସଶକ୍ତ ହୋଇପାରିଛନ୍ତି । ଏହି ବିଭାଗ ମହିଳାମାନଙ୍କୁ କେବଳ ଆତ୍ମନିର୍ଭର କରିବାରେ ସୀମିତ ରହିନାହିଁ, ସେମାନଙ୍କୁ ସଫଳ ଉଦ୍ୟୋଗୀ ଓ ସମାଜର ଅଗ୍ରଗାମୀ ନେତୃତ୍ୱ ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି । ମିଶନ ଶକ୍ତି ଆଜି ମହିଳା ସଶକ୍ତିକରଣର ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି, ଯାହା ମହିଳାମାନଙ୍କ ଜୀବନମାନ ଉନ୍ନତି ସହିତ ରାଜ୍ୟର ଆର୍ଥିକ ଉନ୍ନତିରେ ମଧ୍ୟ ମୂଲ୍ୟବାନ ଅବଦାନ ରଖୁଛି।

ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ଗଢି ଅଧିକରୁ ଅଧିକ ‘ଲକ୍ଷପତି ଦିଦି’ ଏବଂ ‘ମହାଲକ୍ଷପତି ଦିଦି’ ପରିଣତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମତ ରଖିଛନ୍ତି । ଏଥି ପାଇଁ ଆସନ୍ତା ଆର୍ଥିକ ବର୍ଷରେ ବଜାର ସଂଯୋଗ, ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ଡିଜିଟାଲ ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏହି ପଦକ୍ଷେପଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଓ ସୁଦୃଢ଼ ଆର୍ଥିକ ସ୍ଥିତି ପ୍ରଦାନ କରିବ ।

ବୈଠକରେ ଚ଼ଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ପୂରଣ ସହ ଆସନ୍ତା ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ପ୍ରାଥମିକତା ସମ୍ପର୍କରେ ମଧ୍ୟ ଆଲୋଚ଼ନା ହୋଇଥିଲା, ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ଭାବେ ଆହୁରି ସଶକ୍ତ କରିବା ସହିତ ଉଦ୍‌ଯୋଗୀ ଭାବେ ପ୍ରତିଷ୍ଠିତ କରିବ । ଏହି ସମୀକ୍ଷା ବୈଠକରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ସଚ଼ିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡ଼. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ ଏବଂ ସମସ୍ତ ଜିଲ୍ଲାର ଅଧିକାରୀମାନେ ଉପସ୍ଥିତ ଥିଲେ । ମହିଳା ସଶକ୍ତିକରଣ, ମହିଳା ନେତୃତ୍ୱାଧୀନ ବିକାଶ ଏବଂ ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଦିଗରେ ମିଶନ ଶକ୍ତି ବିଭାଗର ଏହି ସମୀକ୍ଷା ବୈଠକ ଏକ ଦୃଢ଼ ପଦକ୍ଷେପ ବୋଲି ଆଶା କରାଯାଇଛି ।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com

Editor- Ipsita Pati

ସମ୍ପାଦିକା: ଇପସିତା ପତି